## ସାରଳା ରିୟଲକନ୍‌ର ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ

**କଟକ ଅଫିସ:** କଟକ ସ୍ୱତନ୍ତ୍ର ଚିଟ୍‌ଫଣ୍ଡ କୋର୍ଟରେ ଚିଟ୍‌ଫଣ୍ଡ ସଂସ୍ଥା ସାରଳା ରିୟଲକନ୍ ପ୍ରାଇଭେଟ୍ ଲିମିଟେଡ୍ ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଅଦାଲତ ଏହି ସଂସ୍ଥାର ୧୩ କୋଟି ୮୦ ଲକ୍ଷ ୬୯ ହଜାର ୮୭୫ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି କରି କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଫେରସ୍ତ ପାଇଁ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାଜ୍ୟାପ୍ତି ସମ୍ପତ୍ତି ମଧ୍ୟରେ ଖୋର୍ଦ୍ଧା, ପୁରୀ ଓ କେନ୍ଦ୍ରାପଡ଼ାରେ ୯୫.୦୭୪୮୭ ଏକର ଜମି ରହିଛି। ଏଥିସହ ସଂସ୍ଥା ନାମରେ ବିଭିନ୍ନ ବ୍ୟାଙ୍କରେ ୯ଟି ଆକାଉଣ୍ଟରେ ଥିବା ୧୩ ଲକ୍ଷ ୧୦ ହଜାର ୩୧୬ ଟଙ୍କା ଓ ନଗଦ ୩ ଲକ୍ଷ ୨୫ ହଜାର ୬୦୦ ଟଙ୍କା, ସ୍କର୍ପିଓ, ପାଜେରୋ, ବିଏମଡବ୍ଲ୍ୟୁ, ଟୟୋଟା ଫର୍ଚୁନର ଗାଡ଼ିକୁ ମଧ୍ୟ ଜବତ କରାଯାଇଥିଲା।

## ଆଜି କ’ଣ କେଉଁଠି

ଭୁବନେଶ୍ୱର

- ବୀଣା ପାଥୋଲ୍ୟାବ ଓ ରେଡକ୍ଲିପ୍ ସଂସ୍ଥା ପକ୍ଷରୁ ମାଗଣା ପାଥୋଲୋଜି ପରୀକ୍ଷା ଶିବିର, ତାରିଣୀ ଆପାର୍ଟମେଣ୍ଟ, ଶହୀଦ ନଗର, ସକାଳ ୮ଟା।
- ରକ୍ତଦାନ ଶିବିର, ରୋଟାରୀ ଭବନ, ୟୁନିଟ୍-୯, ସକାଳ ୯ଟା।
- ଉତ୍କଳମଣି ଗୋପବନ୍ଧୁ ଦାଶ ମେଧାବୃତ୍ତି, ଏକଲବ୍ୟ ସେମିନାର ହଲ୍, ରସୁଲଗଡ, ପୂର୍ବାହ୍ନ ୧୦ଟା ୩୦।
- ନେଚର କେୟାର ଇନିସିଏଟିଭ୍ ପକ୍ଷରୁ ଜାତୀୟ ସେମିନାର୍, ମେଫେୟାର କନ୍‌ଭେନଶନ୍, ପୂର୍ବାହ୍ନ ୧୦ଟା ୩୦।
- ‘ମିଟି କା ଗୁମାନ’- ଆମ ମାଟିର କଳା, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ହେଲ୍‌ମେଟ୍‌ର ଗାନ୍ଧୀ ପ୍ରଚାର କାର୍ଯ୍ୟକ୍ରମ, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୧ଟା ୩୦।
- ବିଡିଏ କର୍ମଚାରୀ ଜମା ଓ ମିତବ୍ୟୟ ସମବାୟ ସମିତିର ୨୫ତମ ବାର୍ଷିକୀ, ବିଡିଏ ଅଫିସ୍ ବିଲ୍ଡିଂ, ପୂର୍ବାହ୍ନ ୧୧ଟା ୩୦।
- ପ୍ରଥମ ଆଲୁମିନିୟମ୍ ପଣ୍ୟବାହୀ ଟ୍ରେନ ରେକର ଉଦ୍‌ଘାଟନ କରିବେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଭୁବନେଶ୍ୱର ରେଳ ଷ୍ଟେଶନ, ମଧ୍ୟାହ୍ନ ୧୨ଟା।
- ଉତ୍କଳ ଯାଦବ ମହାସଭା ଭୁବନେଶ୍ୱର ଜିଲା ପକ୍ଷରୁ ମୁଲାୟମସିଂ ଯାଦବଙ୍କ ଶ୍ରଦ୍ଧାଞ୍ଜଳି ସଭା, ସମାଜବାଦୀ ପାର୍ଟି ଅଫିସ୍, ଲୋହିଆ ଭବନ, ମଧ୍ୟାହ୍ନ ୧୨ଟା।
- ବିଦ୍ୟାଧର ବାରିକଙ୍କ ରାଜ୍ୟସ୍ତରୀୟ ସ୍ମୃତି ଶ୍ରଦ୍ଧାଞ୍ଜଳି, କବିତା ପାଠୋତ୍ସବ, ରୋଟାରୀ ଭବନ, ୟୁନିଟ୍-୯, ଅପରାହ୍ନ ୫ଟା।
- ଇଣ୍ଡିଆନ ଡକ୍ୟୁମେଣ୍ଟାରି ଫିଲ୍ମ ଫେଷ୍ଟିଭାଲ ଭୁବନେଶ୍ୱର, ୨୦୨୨, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଅପରାହ୍ନ ୫ଟା।
- ଗଜଲକ୍ଷ୍ମୀ ସାଂସ୍କୃତିକ ସଂଘ ପକ୍ଷରୁ ଗଜଲକ୍ଷ୍ମୀ ପୂଜା, ଖାରବେଳ ନଗର, ୟୁନିଟ୍-୩, ସନ୍ଧ୍ୟା ୬ଟା ୩୦।

# ଜେଲ ଭିତରେ ଅର୍ଚ୍ଚନାଙ୍କୁ ଜେରା ଯୋଜନା

ଭୁବନେଶ୍ୱର,୧୫।୧୦(ବ୍ୟୁରୋ)



ଜେଲରେ ଥିବା ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କୁ ନେଇ ତଦନ୍ତ ସେପରି ଆଗେଇ ପାରିନାହିଁ। ଇତିମଧ୍ୟରେ ୧୦ରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ତାଙ୍କ କଳା ସାମ୍ରାଜ୍ୟର ପେଡ଼ି ଖୋଲିପାରୁ ନାହିଁ ପୋଲିସ। କେମିତି ନିଜ ନାଗଫାଶରେ ପକାଇ ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ଅଭିନେତା, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ରଙ୍ଗମହଲକୁ ଡାକି ପରେ ବ୍ଲାକ୍‌ମେଲିଂ ଆଳରେ ଟଙ୍କା ଲୁଟି ଅମାପ ସମ୍ପତ୍ତି ଅର୍ଜନ କରିଛନ୍ତି ଗିରଫ ପରେ ତାହା ଜଳ ଜଳ ହୋଇ ସାମ୍ନାକୁ ଆସିଛି। ଗିରଫ ବେଳେ ପୋଲିସ ଅର୍ଚ୍ଚନାଙ୍କଠାରୁ ମୋବାଇଲ, ଲାପ୍‌ଟପ୍, ବ୍ୟାଙ୍କ ପାସ୍‌ବୁକ୍, ହାର୍ଡ ଡିସ୍କ ଜବତ କରିଥିଲା, ଯେଉଁଥିରେ ଅର୍ଚ୍ଚନାଙ୍କ କଳା କାରନାମାର ସମସ୍ତ ପ୍ରମାଣ ରହିଛି। ହେଲେ ତାଙ୍କ ରଙ୍ଗିନ ରାତିର ସାଥୀ ବନିଥିବା, କଳାସାମ୍ରାଜ୍ୟ ତିଆରିରେ ସାଥ୍ ଦେଇଥିବା ବହୁ ରାଜନେତା ଓ ବଡବଡିଆ ସଂପୃକ୍ତ ଥିବାରୁ କାଳେ ଅର୍ଚ୍ଚନା ମୁହଁ ଖୋଲିଦେବେ ସେଥିପାଇଁ ତାଙ୍କୁ ପଦାକୁ ଆଣିବାକୁ ଡରୁଛି କମିଶନରେଟ ପୋଲିସ। ଏପରି ସ୍ଥିତିରେ ଅର୍ଚ୍ଚନାଙ୍କୁ ଜେଲ ଭିତରେ କମିଶନରେଟ ପୋଲିସ ଜେରା କରିବାକୁ ଅଣ୍ଟା ଭିଡିଛି। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଅନୁମତି ଆଣିବାକୁ ଆବେଦନ କରିବାକୁ ଯାଉଛି। ଅନୁମତି ମିଳିବା ପରେ ଥାନାକୁ ନ ଆଣି ସୁରକ୍ଷା ଦୃଷ୍ଟିରୁ ଝାରପଡା ଜେଲରେ ପଚରାଉଚରା କରିବାକୁ ଯୋଜନା ଚଳାଇଛି। ପୋଲିସ ଅର୍ଚ୍ଚନାଙ୍କଠାରୁ ତାଙ୍କ କଳାକାରନାମାର ସତ ଓକାଳିବାକୁ ଆଶା ରଖିଛି। କିନ୍ତୁ ପୋଲିସ ତାହାକୁ ପଦାକୁ ଆଣିବ ତ? ଏଭଳି ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କି ମାରୁଛି। ଶୁକ୍ରବାର ଅର୍ଚ୍ଚନା ଜାମିନ ଆବେଦନ କରିଥିଲେ। ସୁରକ୍ଷା ଦୃଷ୍ଟିରୁ କୋର୍ଟକୁ ନିଆ ନ ଯାଇ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ହାଜର କରାଯାଇଥିଲା। କୋର୍ଟ ତାଙ୍କ ରାୟକୁ ସଂରକ୍ଷିତ ରଖିଛନ୍ତି।

### ଜଗବନ୍ଧୁଙ୍କ ଦାମୀ ବାଇକ୍ ଗାଏବ୍

ଇତିମଧ୍ୟରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡସ୍ଥିତ ଏକ ଆପାର୍ଟମେଣ୍ଟରେ ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁଙ୍କଙ୍କ ଦାମୀ ହାର୍ଲେ ଡେଭିଡଶନ ବାଇକ ଠାବ ହୋଇଛି। ହେଲେ ଶନିବାର ସକାଳୁ କେତେଜଣ ବ୍ୟକ୍ତି ଟାଟା ଏସିଇ ଗାଡିରେ ତାହାକୁ ଲୋଡ୍ କରି ନେଇଯାଇଥିବା ସିସିଟିଭିରୁ ଜଣାପଡିଛି। ତେବେ ଆପାର୍ଟମେଣ୍ଟରେ ଭଡ଼ାରେ ରହୁଥିବା ଅଭିଷେକ ନାମକ ଜଣେ ଯୁବକ ଗତ ୨ ମାସ ହେଲା ଗାଡିଟିକୁ ପାଖରେ ରଖିଥିଲେ ବୋଲି ଆପାର୍ଟମେଣ୍ଟର ଜଣେ ସିକ୍ୟୁରିଟି ଗାର୍ଡ ଗଣମାଧ୍ୟମ ଆଗରେ କହିଛନ୍ତି। ସେହିପରି ଅର୍ଚ୍ଚନାଙ୍କ ବଙ୍ଗଳାରୁ ଆଉକିଛି ଗାଡି ଗାଏବ୍ ହୋଇଯାଇଥିବା କୁହାଯାଉଛି, ଯାହାକୁ ନେଇ ଏବେ ନାନା ପ୍ରଶ୍ନ ଉଙ୍କି ମାରୁଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନେ ଅର୍ଚ୍ଚନାଙ୍କ କଳା କାରବାର ସହ ସମ୍ପୃକ୍ତ ଥିବା ମଧ୍ୟ ଚର୍ଚ୍ଚା ହେଉଛି।

### ଘର ପ୍ରତିଷ୍ଠାକୁ ଆସିଥିଲେ ପୂର୍ବତନ ବାଚସ୍ପତି : ଅର୍ଚ୍ଚନାଙ୍କ ପୁରୋହିତ

ଅର୍ଚ୍ଚନାଙ୍କ କଳାକାର୍‌ନାମା ପଦାକୁ ଆସିବା ସମୟରେ ପୂର୍ବତନ ବାଚସ୍ପତିଙ୍କ ସହ ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ଫଟୋ ଭାଇରାଲ ହୋଇଥିଲା। ଏହାକୁ ନେଇ ଏବେ ଅର୍ଚ୍ଚନାଙ୍କ ପରିବାରର ପୁରୋହିତ ବାଲେଶ୍ୱର ଜିଲା ଜଳେଶ୍ୱରର ହରିଶଙ୍କର ଶତପଥୀ କହିଛନ୍ତି, ଅର୍ଚ୍ଚନାଙ୍କ ଘରକୁ ବାଚସ୍ପତି ବହୁବାର ଯାଇଥିବା ମୁଁ ଦେଖିଛି। ଅର୍ଚ୍ଚନାଙ୍କ ଘର ପ୍ରତିଷ୍ଠାକୁ ଯାଇଥିବାବେଳେ ପୂର୍ବତନ ବାଚସ୍ପତି ତଥା ବିଜେଡିର ବରିଷ୍ଠ ନେତା ସୂର୍ଯ୍ୟ ନାରାୟଣ ପାତ୍ର ଯାଇଥିବା ସେ କହିଛନ୍ତି।

## ଝିଅକୁ ୪ ବର୍ଷ ଯୌନ ଶୋଷଣ କଲେ ବାପା

### ପୀଡ଼ିତା ମହିଳା କମିଶନରଙ୍କ ଦ୍ୱାରସ୍ଥ

**ଭୁବନେଶ୍ୱର,୧୫।୧୦ (ବ୍ୟୁରୋ):** ନିଜ ଝିଅକୁ ୪ ବର୍ଷ ଧରି ଯୌନ ଶୋଷଣ କରିବା ଭଳି ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଜଣେ ୨୭ ବର୍ଷୀୟା ଯୁବତୀ ନିଜ ବାପାଙ୍କ ନାଁରେ ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି। ପରିବାର ଓ ବନ୍ଧୁବାନ୍ଧବଙ୍କଠାରୁ ନିରାଶ ହେବା ପରେ ଶେଷରେ ସେ ଶନିବାର ରାଜ୍ୟ ମହିଳା ଆୟୋଗଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ଅଭିଯୋଗ ଅନୁସାରେ, ୨୦୧୮ରୁ ବାପା ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ବିରୋଧ କଲେ ଜୀବନରୁ ମାରି ଦେବାକୁ ଧମକ ଦେଉଥିଲେ। ମା’ଙ୍କୁ କହିବାରୁ ବାପାଙ୍କ ଚାକିରି ଓ ଘରର ସମ୍ମାନ ଚାଲିଯିବାର ଭୟ ଦେଖାଇଥିଲେ। ପରେ ଭାଇ, ଭଉଣୀ ଓ ସମ୍ପର୍କୀୟଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଜୀବନ ପ୍ରତି ବିପଦ ଥିବାରୁ ଗାଁ ଛାଡ଼ି ଭୁବନେଶ୍ୱର ଚାଲିଆସି ଗତ ସେପ୍ଟେମ୍ବର ୭ରେ ମହିଳା ଥାନାରେ ଅଭିଯୋଗ କରିଥିଲେ। ମହିଳା ଥାନା ଅଧିକାରୀ ଥାନା ଗାଡ଼ିରେ ପଞ୍ଚାମୁଣ୍ଡାଇରେ ଛାଡି ଦେଇଥିଲେ। ପଞ୍ଚାମୁଣ୍ଡାଇ ପୋଲିସ ନ୍ୟାୟ ନ ଦେବାରୁ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ପୁରୁଣା ଭୁବନେଶ୍ୱର,୧୫।୧୦(ଡି.ଏନ୍.ଏ.):** ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୫୬, ୪୪, ୬୭ ଓ ୫୮ ନମ୍ବର ୱାର୍ଡରେ ଶନିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଆଶୋକ ଚନ୍ଦ୍ର ପଣ୍ଡା ଏଥିରେ ଯୋଗଦେଇଥିଲେ। କର୍ପୋରେଟର କେ.ଶାନ୍ତି, ଅଜିତ୍ ବେହେରା, ସନ୍ତୋଷ ସିଂ, ଅମରେଶ ଜେନା, ପୂର୍ବତନ କର୍ପୋରେଟର ପୁଷ୍ପା ଦାସ, ବିଜୁ ଜନତା ଦଳ ସମ୍ପାଦକ ଡ.ସନ୍ତୋଷ ବେଜ, ଭୁବନେଶ୍ୱର ବିଜେଡି ଯୁବ ସଭାପତି ସମରେଶ ବେଉରିଆ, ଏକାମ୍ର ଛାତ୍ର ସଭାପତି ଶିବ ପ୍ରସାଦ ମହାପାତ୍ର, ବୁଢ଼ା ପରିଡ଼ା, ଜିତେନ୍ଦ୍ର ମାର୍ଥାଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଡିଆଇ ପିଆର୍‌ଓଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଓ ଅନ୍ୟ ଅତିଥିଙ୍କ ସହ ଡିଆଇପିଆରଓମାନେ।

ଭୁବନେଶ୍ୱର, ୧୫।୧୦ (ବ୍ୟୁରୋ)

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ହିସାବ ରକ୍ଷଣ ଓ ବିତ୍ତୀୟ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନଠାରେ ୩ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ କହିଲେ, ଏହାଦ୍ୱାରା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଅଧିକ ସୁଦୃଢ଼ ହେବ। ଆଗାମୀ ଦିନରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିସହ ସେ ବିଭିନ୍ନ ପ୍ରସଙ୍ଗରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶିକ୍ଷଣ ଗୁଣାତ୍ମକ ଥିଲା ଏବଂ ଆମ ପାଇଁ ଏହା ଲାଭଦାୟକ ହୋଇଛି ବୋଲି ଡିଆଇପିଆର୍‌ଓମାନେ ମତ ଦେଇଥିଲେ। ଏହି ଅବସରରେ ନିର୍ଦ୍ଦେଶକ ତ୍ରିପାଠୀ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଜେଟ୍ ପ୍ରସ୍ତୁତି, ପେନ୍‌ସନ୍ ନିୟମ, ସରକାରୀ ବିତ୍ତୀୟ ବ୍ୟବସ୍ଥା ଓ ଅଡିଟ୍, ଆୟକର ପ୍ରଦାନରେ ଟିଡିଏସ୍ ବ୍ୟବସ୍ଥା, ଜିଏସ୍‌ଟି, ଜିଇଏମ୍ ପୋର୍ଟାଲ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମ ସଚିବ ବିଷ୍ଣୁପ୍ରିୟା ସାହୁ, ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଗୁର୍‌ବୀର୍ ସିଂ, ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନର ଯୁଗ୍ମ ନିର୍ଦ୍ଦେଶିକା ଚିରସ୍ମିତା ସାହୁ ଏବଂ ଉପନିର୍ଦ୍ଦେଶକ ଭାନୁମଙ୍ଗଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଅଶ୍ଳୀଳ ଫଟୋ ଭାଇରାଲ ଧମକ: ଛାତ୍ରୀଙ୍କ ଆତ୍ମହତ୍ୟା

- ୬ ଗିରଫ, ଯୁବକ ଫେରାର
- ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମୃତଦେହ ରଖି ଧାରଣା

ଖୋର୍ଦ୍ଧା ଅଫିସ,୧୫।୧୦(ଡି.ଏନ୍.ଏ.)

ଅଶ୍ଳୀଳ ଫଟୋ ଭାଇରାଲ ଧମକ ଓ ମାନସିକ ନିର୍ଯାତନା ସହି ନ ପାରି ଜଣେ +୨ ପ୍ରଥମ ବର୍ଷ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ହେଲେ ଏହା ପୂର୍ବରୁ ସେ ନିଜ ଆତ୍ମହତ୍ୟା ସମ୍ପର୍କରେ ଚିଠି ମାଧ୍ୟମରେ ପୋଲିସକୁ ଜଣାଇବା ସହ ଏହା ପଛରେ ସମ୍ପୃକ୍ତ ଯୁବକଙ୍କ ନାଁ ମଧ୍ୟ ଲେଖିଛନ୍ତି। ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଖବର ପାଇ ନିରାକାରପୁର ପୋଲିସ, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ମୃତା ଛାତ୍ରୀଙ୍କ ମା’ଙ୍କ ଅଭିଯୋଗକ୍ରମେ ଶନିବାର ପୋଲିସ ଏକ ମାମଲା (ନଂ.୧୯୭/୨୨) ରୁଜୁକରି ସମ୍ପୃକ୍ତ ଯୁବକ ସଜତ୍ ଶାହାଙ୍କ ପରିବାରର ୬ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ମୁଡିଜା ଶାହା, ଅର୍ସାଦ ଶାହା, ବେଗମ୍ ବିବି, ଅପ୍‌ସାନା ବେଗମ୍, ଆସ୍‌ମା ବେଗମ୍ ଏବଂ ରିଆନା ବେଗମ୍। ଅନ୍ୟପଟେ ସମ୍ପୃକ୍ତ ଯୁବକ ଫେରାର ଥିବା ବେଳେ ତାଙ୍କ ଗିରଫ ଦାବିରେ ଥାନା ଆଗରେ ମୃତଦେହ ରଖି ପରିବାର ଓ ଗ୍ରାମବାସୀ ଧାରଣା ଦେଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅବିନାଶ



@ ବିଶ୍ୱଭୂଷଣ



@ ସନ୍ତୋଷ



@ ଦିଗ୍‌ଦର୍ଶନ



@ ମହେଶନାଥ



@ ଅଂଶୁମାନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସାଇ ଇଣ୍ଟରନ୍ୟାଶନାଲ ଦେଶର ଶ୍ରେଷ୍ଠ ସ୍କୁଲ

### ଡେ’ କମ୍ ବୋର୍ଡିଂ ବିଭାଗରେ ତୃତୀୟଥର ମାନ୍ୟତା ବଜାୟ

ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)

ଏଜୁକେଶନ୍ ୱାର୍ଲଡ୍ ଇଣ୍ଡିଆ ସ୍କୁଲ୍ ର୍ୟାଙ୍କିଙ୍ଗ୍‌ରେ ସର୍ବଭାରତୀୟ ସ୍ତରରେ ଡେ’ କମ୍ ବୋର୍ଡିଂ ବିଭାଗରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲକୁ ୨୦୨୨-୨୩ ବର୍ଷ ପାଇଁ ଶ୍ରେଷ୍ଠ ସ୍କୁଲ ମାନ୍ୟତା ମିଳିଛି। ୨୦୨୦ରୁ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ଲଗାତର ଭାବେ ଦେଶର ଶ୍ରେଷ୍ଠ ସ୍କୁଲ୍ ଭାବେ ତୃତୀୟଥର ପାଇଁ ଏହି ମାନ୍ୟତା ବଜାୟ ରଖିଛି। ଗୁରୁଗ୍ରାମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ପ୍ରତିନିଧି ଭାବେ ବିକ୍ରମ ଆଦିତ୍ୟ ସାହୁ ଏବଂ ଡାଇରେକ୍ଟର ଏକାଡେମିକ୍ ତଥା ସିନିୟର୍ ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏଜୁକେଶନ୍ ୱାର୍ଲଡ୍ ଇଣ୍ଡିଆର ସ୍କୁଲ ର୍ୟାଙ୍କିଙ୍ଗ୍ ସର୍ଭେରେ ଦେଶର ୪୦୦୦ ପ୍ରମୁଖ ସ୍କୁଲକୁ ସାମିଲ କରାଯାଇଥିଲା। ତେବେ ଚୟନ ପ୍ରକ୍ରିୟାରେ ଏକାଡେମିକ୍ ପ୍ରତିଷ୍ଠା, ଅଭିଭାବକଙ୍କ ଯୋଗଦାନ, ଛାତ୍ରୀଛାତ୍ରଙ୍କ ପ୍ରତି ବ୍ୟକ୍ତିଗତ ଦୃଷ୍ଟି, ଶିକ୍ଷୟିତ୍ରୀଶିକ୍ଷକଙ୍କ ଦକ୍ଷତା, କ୍ରୀଡ଼ା ଶିକ୍ଷା ପରି ୧୪ଟି ମାନଦଣ୍ଡକୁ ବିଚାରକୁ ନିଆଯାଇଥିଲା। ତେବେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଟେକ୍ନୋଲୋଜିକୁ ଏକ ଉପକରଣ ଭାବେ ଗ୍ରହଣ କରି କ୍ରମାଗତ ଭାବେ ଅନୁସନ୍ଧାନ ଏବଂ ଉଦ୍ଭାବନ କରିଆସୁଛି, ଯାହା କେବଳ ବିକାଶଶୀଳ ପରିସ୍ଥିତି ସହ ଖାପଖୁଆଇବା ପାଇଁ ନୁହେଁ, ବରଂ ଛାତ୍ର ଏବଂ ଶିକ୍ଷକଙ୍କ ବହୁମୂଲ୍ୟ ଶିକ୍ଷା ପାଇଁ ଏକ ପଥ ପରିଷ୍କାର କରିଛି ବୋଲି ସ୍କୁଲ ପକ୍ଷରୁ କୁହାଯାଇଛି। ତେବେ ଏହି ମର୍ଯ୍ୟାଦାଜନକ ପୁରସ୍କାର ସାଇ ଇଣ୍ଟରନ୍ୟାଶନାଲ ଗ୍ରୁପ୍‌ର ସମସ୍ତ ଅଭିଭାବକ, ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକଙ୍କ ପାଇଁ ଏକ ଗର୍ବ ଏବଂ ଗୌରବର ବିଷୟ ବୋଲି ଏହାର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଓଡ଼ିଶାକୁ ସ୍କୁଲ ଶିକ୍ଷା କ୍ଷେତ୍ରରେ ଜାତୀୟ ସ୍ତରରେ ଏହା ଏକ ନୂଆ ପରିଚୟ ସୃଷ୍ଟି କରାଇବ। ଶିକ୍ଷା ମାଧ୍ୟମରେ ଏକ ଉନ୍ନତ ଭାରତ ଗଠନ କରିବାର ସଂକଳ୍ପ ଓ ପ୍ରଚେଷ୍ଟା ଆଗାମୀ ଦିନରେ ଏମିତି ଜାରି ରହିବ ବୋଲି ଶିଳ୍ପୀ ସାହୁ ପ୍ରକାଶ କରିଛନ୍ତି।

## ରାଉରକେଲା ବିମାନବନ୍ଦର ସମ୍ପ୍ରସାରଣକୁ ପରିବେଶୀୟ ମଞ୍ଜୁରୀ

ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)

ରାଉରକେଲା ବିମାନବନ୍ଦରର ସମ୍ପ୍ରସାରଣ ପାଇଁ ପରିବେଶୀୟ ମଞ୍ଜୁରୀ (ଇସି) ମିଳିଛି। ଓଡ଼ିଶା ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଅଧ୍ୟକ୍ଷ ଶିଶିର କୁମାର ରଥଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ୯୩ତମ ବୈଠକରେ ଏହି ଅନୁମତି ପ୍ରଦାନ କରାଯାଇଛି। ସେହିପରି ଟାଟା ଷ୍ଟିଲ୍ସ ଲିମିଟେଡକୁ ସୁନ୍ଦରଗଡ଼ ଜିଲାର କଳାମାଙ୍ଗ ଓ ଘୋଡ଼ାବୁଦାନୀ ଗ୍ରାମ ଏବଂ କେନ୍ଦୁଝର ଜିଲାର ଗଣ୍ଡଲପଡ଼ା ଗ୍ରାମରେ ୯୨.୮୭୫ ହେକ୍ଟର ଜମିରୁ ଲୁହାପଥର ଖନନ ଓ କଟକ ତେଲେଙ୍ଗାପେଣ୍ଠରେ ୧୨୬ଟି ବାସଗୃହ ବିଶିଷ୍ଟ ୧୨ ମହଲା ଆପାର୍ଟମେଣ୍ଟ ନିର୍ମାଣ ପାଇଁ ଆର୍ଯ୍ୟାନ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ ଲିମିଟେଡ୍‌କୁ ମଧ୍ୟ ପରିବେଶୀୟ ମଞ୍ଜୁରୀ ମିଳିଛି।

## ତାମିଲ, ଓଡ଼ିଆ ମଧ୍ୟରେ ଅତୁଟ ସମ୍ପର୍କ ରହିଛି

ଭୁବନେଶ୍ୱର,୧୫।୧୦(ବ୍ୟୁରୋ)




ଭାରତର ପ୍ରଥମ ଶାସ୍ତ୍ରୀୟ ଭାଷା ଭାବେ ୨୦୦୪ରେ ତାମିଲ ଓ ଷଷ୍ଠ ଓଡ଼ିଆ ଭାଷା ଭାବେ ୨୦୧୪ରେ ଓଡ଼ିଆ ମାନ୍ୟତା ପାଇଛି। ହେଲେ କାହିଁ କେଉଁ ଯୁଗରୁ ଉଭୟ ଭାଷା ମଧ୍ୟରେ ଅତୁଟ ସମ୍ପର୍କ ରହିଛି ବୋଲି ପ୍ରଶାସକ ତଥା ଗବେଷକ ଆର୍. ବାଲକ୍ରିଷ୍ଣନ ମତ ଦେଇଛନ୍ତି। ଶନିବାର ଗୀତଗୋବିନ୍ଦ ସଦନଠାରେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ‘ଇଣ୍ଡିଆନ ହେରିଟେଜ୍ ଇନ୍ କ୍ଲାସିକାଲ ଲାଙ୍ଗୁଏଜେସ୍: ତାମିଲ ଆଣ୍ଡ୍ ଓଡ଼ିଆ’ ଶୀର୍ଷକ ଜାତୀୟ ଆଲୋଚନଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଲକ୍ରିଷ୍ଣନ କହିଲେ, ତାମିଲନାଡୁର ଅନେକ ଅଞ୍ଚଳର ନାମ ସହ କଳିଙ୍ଗ ଯୋଡ଼ି ହୋଇ ରହିଛି। ଗବେଷକ ଦେବୀପ୍ରସନ୍ନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟବକ୍ତା ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କିଶୋର ବାସା, ପ୍ରଶାସକ ଉପେନ୍ଦ୍ର ତ୍ରିପାଠୀ, ଲେଖକ ଜିତୁ ମିଶ୍ର ଯୋଗଦେଇଥିଲେ। ଅଧ୍ୟୟନ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ବସନ୍ତ ପଣ୍ଡାଙ୍କ ପରିଚାଳନାରେ ବହୁଭାଷୀ ପତ୍ରିକା ‘ତ୍ରିବେଣୀ’ ଉନ୍ମୋଚିତ ହୋଇଥିଲା। ଆର୍. ବାଲକ୍ରୀଷ୍ଣନଙ୍କ ଲିଖିତ ‘ଜର୍ନି ଅଫ୍ ଏ ସିଭିଲାଇଜେଶନ ଇଣ୍ଡସ୍ ଟୁ ଭାଇଗାଇ’କୁ ସେ ଅତିଥିଙ୍କୁ ପ୍ରଦାନ କରିଥିଲେ। ଗବେଷକ ଦେବାଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଜମିବ ଦୀପାବଳି, ଆତସବାଜିରେ କମ୍ପିବ ରାଜଧାନୀ

ଭୁବନେଶ୍ୱର, ୧୫।୧୦ (ବ୍ୟୁରୋ)

### ୨୮ ସ୍ଥାନରେ ଖୋଲିବ ବାଣ ଦୋକାନ

କରୋନା କଟକଣାର ଦୁଇବର୍ଷ ପରେ ଏଥର ଜମିବ ଦୀପାବଳି। ବାଣ ବିକ୍ରି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମତି ମିଳିଥିବାରୁ ଆତସବାଜିରେ କମ୍ପିବ ରାଜଧାନୀ। ଏଥିପାଇଁ ସହରର ମୋଟ ୨୮ଟି ସ୍ଥାନରେ ବାଣ ବିକ୍ରି ଲାଗି ଅନୁମତି ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ (ଜିଏ) ୭ ସ୍ଥାନକୁ ଅନୁମତି ଦେଇଥିବାବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୨୧ ସ୍ଥାନ ନିର୍ଦ୍ଧାରଣ କରିଛି। ଜିଏ ପକ୍ଷରୁ ଚିହ୍ନଟ ୭ ସ୍ଥାନ ହେଉଛି, ୱାର୍ଡ ନଂ.୯ ଅନ୍ତର୍ଗତ ଗାଡ଼କଣା ମୌଜାର ଶବର ସାହି ମେଳନ ପଡିଆ, ୱାର୍ଡ ନଂ.୧୦ ଅନ୍ତର୍ଗତ ବମିଖାଲ ମୌଜାର ରସୁଲଗଡ଼ ଦୁର୍ଗାପୂଜା ମଣ୍ଡପ, ୱାର୍ଡ ନଂ. ୧୮ ଅନ୍ତର୍ଗତ ପାଣ୍ଡରା ମୌଜାର ପଳାଶୁଣି ବିଜୁପଟ୍ଟନାୟକ ପଡିଆ, ୱାର୍ଡ ନଂ. ୪୦ ଅନ୍ତର୍ଗତ ବାପୁଜୀ ନଗରର ୟୁନିଟ-୧ ହାଇସ୍କୁଲ ପଛପଟ, ୱାର୍ଡ ନଂ. ୪୩ ଅନ୍ତର୍ଗତ ଲକ୍ଷ୍ମୀସାଗର ମେଳଣ ପଡିଆରେ ବାଣ ବିକ୍ରି ହେବ। ସେହିପରି ୱାର୍ଡ ନଂ. ୫୭ ଅନ୍ତର୍ଗତ ବଡ଼ଗଡ଼ର ୨ଟି ସ୍ଥାନ ଯଥା ବଡ଼ଗଡ଼ ଶ୍ମଶାନ ସମ୍ମୁଖ ଏବଂ ବିଡିଏ ମାର୍କେଟ ପଛପାଖରେ ବାଣ ବିକ୍ରି ପାଇଁ ପ୍ରଶାସନର ଅନୁମତି ରହିଛି। ଅପରପକ୍ଷେ ଏହି ସ୍ଥାନଗୁଡ଼ିକରେ ବାଣ ବିକ୍ରି ବେଳେ କୌଣସି ଘଟଣା ଓ ଦୁର୍ଘଟଣା ରୋକିବାକୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଅଗ୍ନିଶମ ବାହିନୀ ଦମକଳ ଗାଡ଼ି ସହ ମୁତୟନ ରହିବେ। ଯେ କେହି ଲାଇସେନ୍ସପ୍ରାପ୍ତ ଦୋକାନୀ ଆବଶ୍ୟକ ଶୁଳ୍କ ଦେଇ ଏହି ସ୍ଥାନରେ ବାଣ ଦୋକାନ ଖୋଲି ପାରିବେ। ଲୋକେ ଏହି ସ୍ଥାନରୁ ବାଣ କିଣିବା ସହ ଫୁଟାଇବାବେଳେ ନିରାପତ୍ତା ପାଳନ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ବିଏମ୍‌ସି ପକ୍ଷରୁ ଚିହ୍ନଟ ହୋଇଥିବା ୨୧ଟି ସ୍ଥାନଗୁଡ଼ିକ ହେଲା, ଉତ୍ତର ଜୋନ୍ ଅନ୍ତର୍ଗତ ପ୍ରଶାନ୍ତି ବିହାର ଦୁର୍ଗାପୂଜା ପଡିଆ, ଆର୍‌ଟିଓ-୨ ଅଫିସ୍ ପଛପାଖ ପଡ଼ିଆ, ଡମଣା କ୍ଲବ୍ ପଡ଼ିଆ ସମ୍ମୁଖ, ପାହାଳ ଛକସ୍ଥିତ ପୁରୁଣା ଫାଣ୍ଡି ସମ୍ମୁଖ, ଜୟଦେବ କଲେଜ ସମ୍ମୁଖ ମିନି ଷ୍ଟାଡିୟମ୍, କ୍ଲବ୍ ଟାଉନ୍ ପଡ଼ିଆ ପାର୍ଶ୍ୱ, ପଦ୍ମାବତୀ ବିହାର, ଚନ୍ଦ୍ରଶେଖରପୁରର ଶୈଳଶ୍ରୀବିହାର ଫେଜ୍-୬, ଅର୍ବାନ ପ୍ରାଇମେରି ହେଲ୍‌ଥ ସେଣ୍ଟର ନିକଟ ଷ୍ଟାଡ଼ିୟମ୍, ଗାଡ଼କଣା ମେଳଣ ପଡ଼ିଆ, ଧଳିକୁଟି ବସ୍ତି ନିକଟ, ବିଡିଏ ମାର୍କେଟ ପାଖ ପାର୍କ ଅଞ୍ଚଳ, ଜଗନ୍ନାଥ ମନ୍ଦିର ନିକଟ ଓ ପାଣ୍ଡରା ମେଳଣ ପଡ଼ିଆ। ସେହିଭଳି ଦକ୍ଷିଣ-ପୂର୍ବ ଜୋନ୍ ଅନ୍ତର୍ଗତ ନନ୍ଦନକାନନ ଅଫିସ ପଛପାଖ, ଲକ୍ଷ୍ମୀସାଗର ଥାନା ସମ୍ମୁଖ ଏବଂ ଦକ୍ଷିଣ-ପଶ୍ଚିମ ଜୋନ୍‌ର ପୋଖରୀପୁଟଠାରେ ଜିମ୍ ସେଣ୍ଟର ପାଖ, ଆଇସିଏଆର୍ ଗେଟ୍ ନିକଟ, ଇନ୍ଦିରା ମଇଦାନ, କସ୍ତୁରବା ଶିକ୍ଷାଶ୍ରମ ଏବଂ ଜାଗମରା ଯାତ୍ରା ପଡ଼ିଆରେ ବାଣ ବିକ୍ରି କରାଯିବ।

## ପାଇଖାନା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ

**ସାଲେପୁର,(ଡି.ଏନ୍.ଏ.):** ଛାଣିପୁର ପଞ୍ଚାୟତରେ ସ୍ୱଚ୍ଛ ଭାରତ ଅଭିଯାନରେ ପାଇଖାନା ଯୋଗାଣରେ ବ୍ୟାପକ ଜାଲିଆତି କରାଯାଇଥିବା ଭିଜିଲାନ୍ସ ବିଭାଗରେ ଅଭିଯୋଗ ହେଲାପରେ ଶନିବାର ଭିଜିଲାନ୍ସ ଟିମ୍ ବିଭିନ୍ନ ଗ୍ରାମରେ ତଦନ୍ତ କରିଛି। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୬ଜଣଙ୍କୁ ତଦନ୍ତ ପରିସରଭୁକ୍ତ କରିଛି। ୨୦୧୯-୨୦ରେ ପାଇଖାନା ଯୋଗାଣରେ ବ୍ୟାପକ ଜାଲିଆତି ହୋଇଥିଲା। ଶତାଧିକ ବ୍ୟକ୍ତିଙ୍କ ନାମରେ ପାଇଖାନା କରାଯାଇ ଅର୍ଥ ଆତ୍ମସାତ୍ କରାଯାଇଥିବା ବେଳେ ପ୍ରକୃତ ହିତାଧିକାରୀ ପାଇଖାନା ଅର୍ଥ ପାଇ ନ ଥିବା ନେଇ ଭିଜିଲାନ୍ସ ବିଭାଗ ପାଖରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ବିଭାଗ ପକ୍ଷରୁ ଜଣେ ଡିଏସ୍‌ପିସ୍ତରୀୟ ଅଧିକାରିଣୀ ପଞ୍ଚାୟତର ରାମକୃଷ୍ଣପୁର, କରମୁଆଁ ଓ ସାତବାଟି ଗ୍ରାମରେ ପହଞ୍ଚି ଘର ଘର ବୁଲି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛନ୍ତି।

## ଆଜି କ'ଣ କେଉଁଠି

କଟକ

- ସବୁଜିମାର ସ୍ୱର ସାହିତ୍ୟ ପରିବାର ପକ୍ଷରୁ ବିଶ୍ୱ ଖାଦ୍ୟ ଦିବସ ପାଳନ, ଉତ୍କଳମଣି ଗୋପବନ୍ଧୁ ପାର୍କ, ବକ୍ସିବଜାର, ଅପରାହ୍ନ ୩ଟା।
- କଟକ ମହାନଗର ଶାନ୍ତି କମିଟି ପକ୍ଷରୁ କାଳୀପୂଜା ଓ ଭଷାଣୀ ଉତ୍ସବ ପ୍ରସ୍ତୁତି ସଭା, ଓସିଏ ସମ୍ମିଳନୀ କକ୍ଷ, ଅପରାହ୍ନ ୫ଟା ୩୦।
- ସାରଳା ସାହିତ୍ୟ ସଂସଦ ପକ୍ଷରୁ ସାରସ୍ୱତ ଆସର, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ଅପରାହ୍ନ ୫ଟା ୩୦।
- ମା' ଅମ୍ବିକା ମହିଳା ପରିଷଦ ସାମ୍ବତ୍ସରିକ ଉତ୍ସବ, ସେକ୍ଟୋ କଲୋନୀ ନିକଟ, ବାଦାମବାଡ଼ି, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ୬ କୋଟି ଟଙ୍କାର ମଶା ତେଲ କିଣିବ ସିଏମ୍‌ସି

#### କଣ୍ଟ୍ରାକ୍ଟ ଷ୍ଟାଣ୍ଡିଂ କମିଟି ବୈଠକ

**କଟକ ଅଫିସ,୧୫।୧୦:** କଟକ ମହାନଗର ନିଗମ(ସିଏମ୍‌ସି)ର କଣ୍ଟ୍ରାକ୍ଟ ଷ୍ଟାଣ୍ଡିଂ କମିଟି ବୈଠକ ସ୍ଥାନୀୟ ବିଜୁ ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେୟର ସୁବାସ ସିଂ ଅଧକ୍ଷତା କରିଥିଲେ। ଆଉଟ୍‌ସୋର୍ସିଂ ମାଧମରେ ଠିକା କର୍ମଚାରୀ ନିଯୁକ୍ତି ଓ ମଶା ତେଲ କ୍ରୟ ଉପରେ ଆଲୋଚନା ହୋଇଥିଲା। ମଶାତେଲ ଟେଣ୍ଡର ପାଇଁ ଅନୁମୋଦନ ମିଳିଥିଲା। ମଞ୍ଜୁଶ୍ରୀ, ଜାଗୃତି, ପ୍ରତ୍ୟୁଷ ଓ ନିରାକାର ନାମକ ସଂସ୍ଥାକୁ ବିଭିନ୍ନ କାରଣରୁ ଟେଣ୍ଡର ପ୍ରକ୍ରିୟାରୁ ବାଦ୍ ଦିଆଯାଇଥିବାବେଳେ ଭୁବନେଶ୍ୱରର ଜଗନ୍ନାଥ ପ୍ରସାଦ ନର୍ସରୀ ନାମକ ଏକ ଘରୋଇ ସଂସ୍ଥାକୁ ଠିକା କର୍ମଚାରୀ ନିଯୁକ୍ତି ଦାୟିତ୍ୱ ଦିଆଯାଇଛି। ସେହିପରି ଘରୋଇ ସଂସ୍ଥା ନିକଟରୁ ମଶା ତେଲ କିଣିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରାୟ ୬ କୋଟି ଟଙ୍କାର ମଶା ତେଲ ସିଏମ୍‌ସି କ୍ରୟ କରିବ ବୋଲି ଜଣାପଡିଛି। ପ୍ରଥମେ ଏହାର ନମୁନା ପରୀକ୍ଷା ପାଇଁ ଲାବୋରେଟୋରୀକୁ ପଠାଯିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏହି ବୈଠକରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣଙ୍କ ସମେତ ଷ୍ଟାଣ୍ଡିଂ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

### ଅତିରିକ୍ତ ଜିଲାପାଳ ଭାବେ ଦାୟିତ୍ୱ ନେଲେ ଶିବ ଟପ୍ପୋ

**କଟକ ଅଫିସ,୧୫।୧୦:** ଅତିରିକ୍ତ ଜିଲାପାଳ(ସାଧାରଣ) ଭାବେ ଶିବ ଟପ୍ପୋ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଟପ୍ପୋଙ୍କୁ ପୂର୍ବତନ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଦାୟିତ୍ୱ ପ୍ରଦାନ କରିଥିଲେ। ସେହିପରି ଖଣ୍ଡାୟତରାୟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧକ୍ଷତା କରି ଜିଲାର ବିକାଶମୂଳକ କାର୍ଯ୍ୟରେ ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କାରିବାକୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କୁମାର କର, ଅତିରିକ୍ତ ଜିଲାପାଳ(ରାଜସ୍ୱ) ପୂର୍ଣ୍ଣଚନ୍ଦ୍ର ମିଶ୍ର, ସଦର ଉପ ଜିଲାପାଳ ପ୍ରତାପ ବେଉରା, ଆଠଗଡ ଉପ ଜିଲାପାଳ ହେମନ୍ତ ସ୍ୱାଇଁ, ବାଙ୍କୀ ଉପ ଜିଲାପାଳ ରଞ୍ଜନ ଜେନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଷ୍ଟାଫ୍ କମିଟି ସଭାପତି ବିଶ୍ୱମୋହନ ମହାପାତ୍ରଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଟପ୍ପୋ ଏହା ପୂର୍ବରୁ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ଭାବେ କାର୍ଯ୍ୟରତ ଥିଲେ।

# ଜେଲ ଭିତରେ ଅର୍ଚ୍ଚନାଙ୍କୁ ଜେରା ଯୋଜନା

**ଭୁବନେଶ୍ୱର,୧୫।୧୦(ବ୍ୟୁରୋ)**



ଜେଲରେ ଥିବା ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କୁ ନେଇ ତଦନ୍ତ ସେପରି ଆଗେଇ ପାରିନାହିଁ। ଇତିମଧ୍ୟରେ ୧୦ରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ତାଙ୍କ କଳା ସାମ୍ରାଜ୍ୟର ପେଡ଼ି ଖୋଲିପାରୁ ନାହିଁ ପୋଲିସ। କେମିତି ନିଜ ନାଗଫାଶରେ ପକାଇ ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ଅଭିନେତା, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ରଙ୍ଗମହଲକୁ ଡାକି ପରେ ବ୍ଲାକ୍‌ମେଲିଂ ଆଳରେ ଟଙ୍କା ଲୁଟି ଅମାପ ସମ୍ପତ୍ତି ଅର୍ଜନ କରିଛନ୍ତି ଗିରଫ ପରେ ତାହା ଜଳ ଜଳ ହୋଇ ସାମ୍ନାକୁ ଆସିଛି। ଗିରଫ ବେଳେ ପୋଲିସ ଅର୍ଚ୍ଚନାଙ୍କଠାରୁ ମୋବାଇଲ, ଲାପ୍‌ଟପ୍, ବ୍ୟାଙ୍କ ପାସ୍‌ବୁକ୍, ହାର୍ଡ ଡିକ୍ସ ଜବତ କରିଥିଲା, ଯେଉଁଥିରେ ଅର୍ଚ୍ଚନାଙ୍କ କଳା କାରାନାମାର ସମସ୍ତ ପ୍ରମାଣ ରହିଛି। ହେଲେ ତାଙ୍କ ରଙ୍ଗିନ ରାତିର ସାଥୀ ବନିଥିବା, କଳାସାମ୍ରାଜ୍ୟ ତିଆରିରେ ସାଥ୍ ଦେଇଥିବା ବହୁ ରାଜନେତା ଓ ବଡବଡିଆ ସଂପୃକ୍ତ ଥିବାରୁ କାଳେ ଅର୍ଚ୍ଚନା ମୁହଁ ଖୋଲିଦେବେ ସେଥିପାଇଁ ତାଙ୍କୁ ପଦାକୁ ଆଣିବାକୁ ଡରୁଛି କମିଶନରେଟ ପୋଲିସ। ଏପରି ସ୍ଥିତିରେ ଅର୍ଚ୍ଚନାଙ୍କୁ ଜେଲ ଭିତରେ କମିଶନରେଟ ପୋଲିସ ଜେରା କରିବାକୁ ଅଣ୍ଟା ଭିଡିଛି। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଅନୁମତି ଆଣିବାକୁ ଆବେଦନ କରିବାକୁ ଯାଉଛି। ଅନୁମତି ମିଳିବା ପରେ ଥାନାକୁ ନ ଆଣି ସୁରକ୍ଷା ଦୃଷ୍ଟିରୁ ଝାରପଡା ଜେଲରେ ପଚରାଉଚରା କରିବାକୁ ଯୋଜନା ଚଳାଇଛି। ପୋଲିସ ଅର୍ଚ୍ଚନାଙ୍କଠାରୁ ତାଙ୍କ କଳାକାରନାମାର ସତ ଓକାଳିବାକୁ ଆଶା ରଖିଛି। କିନ୍ତୁ ପୋଲିସ ତାହାକୁ ପଦାକୁ ଆଣିବ ତ? ଏଭଳି ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କି ମାରୁଛି। ଶୁକ୍ରବାର ଅର୍ଚ୍ଚନା ଜାମିନ ଆବେଦନ କରିଥିଲେ। ସୁରକ୍ଷା ଦୃଷ୍ଟିରୁ କୋର୍ଟକୁ ନିଆ ନ ଯାଇ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ହାଜର କରାଯାଇଥିଲା। କୋର୍ଟ ତାଙ୍କ ରାୟକୁ ସଂରକ୍ଷିତ ରଖିଛନ୍ତି।

### ଘର ପ୍ରତିଷ୍ଠାକୁ ଆସିଥିଲେ ପୂର୍ବତନ ବାଚସ୍ପତି : ଅର୍ଚ୍ଚନାଙ୍କ ପୁରୋହିତ

ଅର୍ଚ୍ଚନାଙ୍କ କଳାକାର୍‌ନାମା ପଦାକୁ ଆସିବା ସମୟରେ ପୂର୍ବତନ ବାଚସ୍ପତିଙ୍କ ସହ ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ଫଟୋ ଭାଇରାଲ ହୋଇଥିଲା। ଏହାକୁ ନେଇ ଏବେ ଅର୍ଚ୍ଚନାଙ୍କ ପରିବାରର ପୁରୋହିତ ବାଲେଶ୍ୱର ଜିଲା ଜଳେଶ୍ୱରର ହରିଶଙ୍କର ଶତପଥୀ କହିଛନ୍ତି, ଅର୍ଚ୍ଚନାଙ୍କ ଘରକୁ ବାଚସ୍ପତି ବହୁବାର ଯାଇଥିବା ମୁଁ ଦେଖିଛି। ଅର୍ଚ୍ଚନାଙ୍କ ଘର ପ୍ରତିଷ୍ଠାକୁ ଯାଇଥିବାବେଳେ ପୂର୍ବତନ ବାଚସ୍ପତି ତଥା ବିଜେଡିର ବରିଷ୍ଠ ନେତା ସୂର୍ଯ୍ୟ ନାରାୟଣ ପାତ୍ର ଯାଇଥିବା ସେ କହିଛନ୍ତି।

### ଜଗବନ୍ଧୁଙ୍କ ଦାମୀ ବାଇକ୍ ଗାଏବ୍

ଇତିମଧ୍ୟରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡସ୍ଥିତ ଏକ ଆପାର୍ଟମେଣ୍ଟରେ ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁକଙ୍କ ଦାମୀ ହାର୍ଲେ ଡେଭିଡଶନ ବାଇକ ଠାବ ହୋଇଛି। ହେଲେ ଶନିବାର ସକାଳୁ କେତେଜଣ ବ୍ୟକ୍ତି ଟାଟା ଏସିଇ ଗାଡିରେ ତାହାକୁ ଲୋଡ୍ କରି ନେଇଯାଇଥିବା ସିସିଟିଭିରୁ ଜଣାପଡିଛି। ତେବେ ଆପାର୍ଟମେଣ୍ଟରେ ଭଡ଼ାରେ ରହୁଥିବା ଅଭିଷେକ ନାମକ ଜଣେ ଯୁବକ ଗତ ୨ ମାସ ହେଲା ଗାଡିଟିକୁ ପାଖରେ ରଖିଥିଲେ ବୋଲି ଆପାର୍ଟମେଣ୍ଟର ଜଣେ ସିକ୍ୟୁରିଟି ଗାର୍ଡ ଗଣମାଧ୍ୟମ ଆଗରେ କହିଛନ୍ତି। ସେହିପରି ଅର୍ଚ୍ଚନାଙ୍କ ବଙ୍ଗଳାରୁ ଆଉକିଛି ଗାଡି ଗାଏବ୍ ହୋଇଯାଇଥିବା କୁହାଯାଉଛି, ଯାହାକୁ ନେଇ ଏବେ ନାନା ପ୍ରଶ୍ନ ଉଙ୍କି ମାରୁଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନେ ଅର୍ଚ୍ଚନାଙ୍କ କଳା କାରବାର ସହ ସମ୍ପୃକ୍ତ ଥିବା ମଧ୍ୟ ଚର୍ଚ୍ଚା ହେଉଛି।



କୁମାର ଉତ୍ସବ ପାଳନ ଉପଲକ୍ଷେ କଟକ ସହୀଦ ଭବନରେ ନବକଳିକା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଡିଆଇ ପିଆର୍‌ଓଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର, ୧୫।୧୦ (ବ୍ୟୁରୋ):** ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ହିସାବ ରକ୍ଷଣ ଓ ବିତ୍ତୀୟ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନଠାରେ ୩ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ କହିଲେ, ଏହାଦ୍ୱାରା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଅଧିକ ସୁଦୃଢ଼ ହେବ। ଆଗାମୀ ଦିନରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିସହ ସେ ବିଭିନ୍ନ ପ୍ରସଙ୍ଗରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶିକ୍ଷଣ ଗୁଣାତ୍ମକ ଥିଲା ଏବଂ ଆମ ପାଇଁ ଏହା ଲାଭଦାୟକ ହୋଇଛି ବୋଲି ଡିଆଇପିଆର୍‌ଓମାନେ ମତ ଦେଇଥିଲେ। ଏହି ଅବସରରେ ନିର୍ଦ୍ଦେଶକ ତ୍ରିପାଠୀ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଜେଟ୍ ପ୍ରସ୍ତୁତି, ପେନ୍‌ସନ୍ ନିୟମ, ସରକାରୀ ବିତ୍ତୀୟ ବ୍ୟବସ୍ଥା ଓ ଅଡିଟ୍, ଆୟକର ପ୍ରଦାନରେ ଟିଡିଏସ୍ ବ୍ୟବସ୍ଥା, ଜିଏସ୍‌ଟି, ଜିଇଏମ୍ ପୋର୍ଟାଲ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମ ସଚିବ ବିଷ୍ଣୁପ୍ରିୟା ସାହୁ, ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଗୁର୍‌ବୀର୍ ସିଂ, ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନର ଯୁଗ୍ମ ନିର୍ଦ୍ଦେଶିକା ଚିରସ୍ମିତା ସାହୁ ଏବଂ ଉପନିର୍ଦ୍ଦେଶକ ଭାନୁମଙ୍ଗଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସାରଳା ରିୟଲକନ୍‌ର ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ

### ଚିଟ୍‌ଫଣ୍ଡ ଠକେଇ ମାମଲା

**କଟକ ଅଫିସ,୧୫।୧୦:** କଟକ ସ୍ୱତନ୍ତ୍ର ଚିଟ୍‌ଫଣ୍ଡ କୋର୍ଟରେ ଚିଟ୍‌ଫଣ୍ଡ ସଂସ୍ଥା ସାରଳା ରିୟଲକନ୍ ପ୍ରାଇଭେଟ୍ ଲିମିଟେଡ୍ ମାମଲାର ରାୟ ପ୍ରକାଶ ପାଇଛି। ଅଦାଲତ ଏହି ସଂସ୍ଥାର ୧୩ କୋଟି ୮୦ ଲକ୍ଷ ୬୯ ହଜାର ୮୭୫ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏହି ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀମାନଙ୍କୁ ଉକ୍ତ ଅର୍ଥ ଫେରସ୍ତ ଦେବା ପାଇଁ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାଜ୍ୟାପ୍ତି ସମ୍ପତ୍ତି ମଧ୍ୟରେ ଖୋର୍ଦ୍ଧା, ପୁରୀ ଓ କେନ୍ଦ୍ରାପଡ଼ାରେ ୯୫.୦୭୪୮୭ ଏକର ଜମି ରହିଛି। ଏଥିସହ ସଂସ୍ଥା ନାମରେ ବିଭିନ୍ନ ବ୍ୟାଙ୍କରେ ୯ଟି ଆକାଉଣ୍ଟରେ ଥିବା ୧୩ ଲକ୍ଷ ୧୦ ହଜାର ୩୧୬ ଟଙ୍କା ଓ ନଗଦ ୩ ଲକ୍ଷ ୨୫ ହଜାର ୬୦୦ ଟଙ୍କା, ସ୍କର୍ପିଓ, ପାଜେରୋ, ବିଏମଡବ୍ଲ୍ୟୁ, ଟୟୋଟା ଫର୍ଚୁନର ଗାଡ଼ିକୁ ମଧ୍ୟ ଜବତ କରାଯାଇଥିଲା। ଉକ୍ତ ସଂସ୍ଥା ଜମାକାରୀଙ୍କ ବହୁ କୋଟି ଟଙ୍କା ଠକି ନେଇଥିଲା। ଏନେଇ ଅଭିଯୋଗ ହେବା ପରେ ଚିଟ୍‌ଫଣ୍ଡ କୋର୍ଟରେ ୨୦୧୬ ନଭେମ୍ବର ୧୫ରେ ମାମଲା ରୁଜୁ ହୋଇଥିଲା।

## ଅଶ୍ଳୀଳ ଫଟୋ ଭାଇରାଲ ଧମକ: ଛାତ୍ରୀଙ୍କ ଆତ୍ମହତ୍ୟା

- ୬ ଗିରଫ, ଯୁବକ ଫେରାର
- ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମୃତଦେହ ରଖି ଧାରଣା

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୧୫।୧୦(ଡି.ଏନ୍.ଏ.)**

ଅଶ୍ଳୀଳ ଫଟୋ ଭାଇରାଲ ଧମକ ଓ ମାନସିକ ନିର୍ଯାତନା ସହି ନ ପାରି ଜଣେ +୨ ପ୍ରଥମ ବର୍ଷ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ହେଲେ ଏହା ପୂର୍ବରୁ ସେ ନିଜ ଆତ୍ମହତ୍ୟା ସମ୍ପର୍କରେ ଚିଠି ମାଧ୍ୟମରେ ପୋଲିସକୁ ଜଣାଇବା ସହ ଏହା ପଛରେ ସମ୍ପୃକ୍ତ ଯୁବକଙ୍କ ନାଁ ମଧ୍ୟ ଲେଖିଛନ୍ତି। ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଖବର ପାଇ ନିରାକାରପୁର ପୋଲିସ, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ମୃତା ଛାତ୍ରୀଙ୍କ ମା'ଙ୍କ ଅଭିଯୋଗକ୍ରମେ ଶନିବାର ପୋଲିସ ଏକ ମାମଲା (ନଂ.୧୯୭/୨୨) ରୁଜୁକରି ସମ୍ପୃକ୍ତ ଯୁବକ ସଜତ୍ ଶାହାଙ୍କ ପରିବାରର ୬ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ମୁତିଜା ଶାହା, ଅର୍ସାଦ ଶାହା, ବେଗମ୍ ବିବି, ଅପ୍‌ସାନା ବେଗମ୍, ଆସ୍‌ମା ବେଗମ୍ ଏବଂ ରିଆନା ବେଗମ୍। ଅନ୍ୟପଟେ ସମ୍ପୃକ୍ତ ଯୁବକ ଫେରାର ଥିବା ବେଳେ ତାଙ୍କ ଗିରଫ ଦାବିରେ ଥାନା ଆଗରେ ମୃତଦେହ ରଖି ପରିବାର ଓ ଗ୍ରାମବାସୀ ଧାରଣା ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅବିନାଶ



@ ବିଶ୍ୱଭୂଷଣ



@ ସନ୍ତୋଷ



@ ଦିଗ୍‌ଦର୍ଶନ



@ ମହେଶନାଥ



@ ଅଂଶୁମାନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ରାଉରକେଲା ବିମାନବନ୍ଦର ସମ୍ପ୍ରସାରଣ, ଟାଟା, ଆର୍ଯ୍ୟାନ ଇନ୍‌ଫ୍ରାକୁ ପରିବେଶୀୟ ମଞ୍ଜୁରୀ

**ଭୁବନେଶ୍ୱର, ୧୫।୧୦(ବ୍ୟୁରୋ):** ରାଉରକେଲା ବିମାନବନ୍ଦରର ସମ୍ପ୍ରସାରଣ ପାଇଁ ପରିବେଶୀୟ ମଞ୍ଜୁରୀ (ଇସି) ମିଳିଛି। ଓଡ଼ିଶା ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଅଧ୍ୟକ୍ଷ ଶିଶିର କୁମାର ରଥଙ୍କ ଅଧ୍ୟକ୍ଷତାରେ ଶନିବାର ଭୁବନେଶ୍ୱରରେ ଅନୁଷ୍ଠିତ ୯୩ତମ ବୈଠକରେ ଏହି ଅନୁମତି ପ୍ରଦାନ କରାଯାଇଛି। ସେହିପରି ଟାଟା ଷ୍ଟିଲ୍ସ ଲିମିଟେଡକୁ ସୁନ୍ଦରଗଡ଼ ଜିଲାର କଳାମାଙ୍ଗ ଓ ଘୋଡ଼ାବୁଦାନୀ ଗ୍ରାମ ଏବଂ କେନ୍ଦୁଝର ଜିଲାର ଗଣ୍ଡଲପଡ଼ା ଗ୍ରାମରେ ୨.୯୫ ଏମ୍‌ଟିପିଏ ଉତ୍ପାଦନ କ୍ଷମତାସମ୍ପନ୍ନ ୯୨.୮୭୫ ହେକ୍ଟର ଜମିରୁ ଲୁହାପଥର ଖନନ ପାଇଁ ପରିବେଶୀୟ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏଥିସହ ସିଏମ୍‌ସି ଅନ୍ତର୍ଗତ ତେଲେଙ୍ଗାପେଣ୍ଠରେ ୧୨୬ଟି ବାସଗୃହ ବିଶିଷ୍ଟ ୧୨ ମହଲା ଆପାର୍ଟମେଣ୍ଟ ନିର୍ମାଣ ପାଇଁ ଆର୍ଯ୍ୟାନ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ ଲିମିଟେଡ୍‌କୁ ମଧ୍ୟ ପରିବେଶୀୟ ମଞ୍ଜୁରୀ ପ୍ରଦାନ କରାଯାଇଛି।

## ଶିକ୍ଷାର ବିକାଶ ପାଇଁ ସହଭାଗିତା ଜରୁରୀ



୫-ଟି ରୂପାନ୍ତରଣ ଯୋଜନାର ସମୀକ୍ଷା ବୈଠକରେ ମଞ୍ଚାସୀନ ବିଧାୟକ ଚନ୍ଦ୍ରସାରଥି ବେହେରା ଓ ପ୍ରଶାସନିକ ଅଧିକାରୀ।

**ନିଶ୍ଚିନ୍ତକୋଇଲି, ୧୫।୧୦(ସ୍ୱ.ପ୍ର)**

ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ନିମନ୍ତେ ଭିତ୍ତିଭୂମିର ବିକାଶ ନିତ୍ୟାନ୍ତ ଆବଶ୍ୟକ। ଏଥିପାଇଁ ସହଯୋଗ ଓ ସହଭାଗିତା ଜରୁରୀ ବୋଲି କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ମତବ୍ୟକ୍ତ କରିଛନ୍ତି। ଶନିବାର ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ ବିଧାୟକ ବେହେରା ୧୦ଟି ବିଦ୍ୟାଳୟର ୫-ଟି ରୂପାନ୍ତରଣ ଯୋଜନାର ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟଗୁଡିକର ଭିତ୍ତିଭୂମି ତଥା ୫-ଟି ରୂପାନ୍ତରଣ ଯୋଜନାର ସଫଳ ରୂପାୟନ ତଥା ଆଦର୍ଶ ଶିକ୍ଷାନୁଷ୍ଠାନ ନିମନ୍ତେ ପୁରାତନ ଛାତ୍ରୀଛାତ୍ର, ଲୋକପ୍ରତିନିଧି ତଥା ପ୍ରଶାସନର ସହଯୋଗ ଓ ସହଭାଗିତା କାମନା କରିଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କର, ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟରଞ୍ଜନ ପଣ୍ଡା, ବିଇଓ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ଅଚ୍ୟୁତାନନ୍ଦ ଦାସ, ରମେଶ ଚନ୍ଦ୍ର ସ୍ୱାଇଁ, ଅନନ୍ତ କର ଯୋଗ ଦେଇଥିଲେ। ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ, ୧୦ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ଆଲୁମ୍ନି ସଭ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବାଲିଯାତ୍ରା: ୮ ଦିନରେ ୮୬୮ ପ୍ଲଟ୍ ପଞ୍ଜୀକରଣ

**କଟକ ଅଫିସ,୧୫।୧୦**

ଓଡ଼ିଶାର ଐତିହ୍ୟ ସହ ଜଡ଼ିତ ବାଲିଯାତ୍ରା ଏବେ ବ୍ୟବସାୟ ତଥା ମନୋରଞ୍ଜନର ଭିତ୍ତିଭୂମି ପାଲଟିଛି। ଚଳିତବର୍ଷ ବାଲିଯାତ୍ରାରୁ ଜିଲା ପ୍ରଶାସନ ରେକର୍ଡ ପରିମାଣର ଆୟ ବୃଦ୍ଧି ନିମନ୍ତେ ଲକ୍ଷ୍ୟ ରଖିଛି। ଯାହାକି ଅନ୍‌ଲାଇନ୍ ମାଧ୍ୟମରେ ବାଲିଯାତ୍ରା ପଡ଼ିଆର ପ୍ଲଟ୍‌ଗୁଡ଼ିକୁ ପ୍ରଦର୍ଶିତ କରି ବ୍ୟବସାୟୀଙ୍କ ଇଚ୍ଛା ମୁତାବକ ଲିଜ୍ ନେବା ନିମନ୍ତେ ହୋଇଥିବା ନିଲାମ ପ୍ରକ୍ରିୟାରୁ ସ୍ପଷ୍ଟ ହୋଇଛି। ନିଲାମ ପ୍ରକ୍ରିୟାକୁ ବିରୋଧ କରି ବାଲିଯାତ୍ରା ବ୍ୟବସାୟୀ ମିଳିତ ମଞ୍ଚ ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

### ଆଜିଠୁ ନିର୍ମଳ, ସବୁଜ ବାଲିଯାତ୍ରା ଅଭିଯାନ

ଜିଲା ପ୍ରଶାସନ ଦ୍ୱାରା ବ୍ୟବସାୟୀଙ୍କୁ ପ୍ଲଟ୍ ଆବଣ୍ଟନ ନିମନ୍ତେ ପଞ୍ଜୀକରଣ ପ୍ରକ୍ରିୟା ଅକ୍ଟୋବର ୮ରୁ ୧୫ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲା। ହେଲେ ଅସମ୍ଭବ ଭିଡ ଯୋଗୁ ଏହି ପ୍ରକ୍ରିୟାକୁ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଜିଲା ପ୍ରଶାସନ ପକ୍ଷରୁ ଘୁଞ୍ଚାଇ ଦିଆଯାଇଛି। ତେବେ ୧୯ ତାରିଖରୁ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁସାରେ ପ୍ଲଟ୍ ଆବଣ୍ଟନ ନିମନ୍ତେ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହେବ। ଏଥିରେ ବର୍ଗଫୁଟ୍ ପ୍ରତି ସର୍ବନିମ୍ନ ୫୦ ଟଙ୍କା ଦର ରହିଥିବାବେଳେ ନିଲାମ ଡାକିବାବେଳେ ୫ଟଙ୍କା ହିସାବରେ ବଢ଼ାଇବାର ନିୟମ ରହିଛି। ଏହି କ୍ରମରେ ଶନିବାର ୯୦ଟି ଆବେଦନ ଗ୍ରହଣ କରାଯାଇଥିବାବେଳେ ମୋଟ ୧୪୦ଟି ପ୍ଲଟ୍ ପଞ୍ଜୀକୃତ ହୋଇଛି। ଗତ ୮ରୁ ୧୫ ତାରିଖ ଯାଏ ମୋଟ ୮୬୮ଟି ପ୍ଲଟ ନିଲାମ ପାଇଁ ପଞ୍ଜୀକରଣ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଏଥର କଟକ ବାଲିଯାତ୍ରାକୁ ସ୍ୱଚ୍ଛ, ସବୁଜ ଓ ଭିଡ଼ମୁକ୍ତ କରିବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ତଦନୁସାରେ ଅକ୍ଟୋବର ୧୬ରୁ ୩୧ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ନିର୍ମଳ ଓ ସବୁଜ ବାଲିଯାତ୍ରା ଅଭିଯାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ପ୍ରତିଦିନ ଅପରାହ୍ନ ସାଢେ ୪ଟାରେ ମହାନଦୀ କୂଳର ଡଙ୍ଗା ଘାଟଠାରୁ ଗଡ଼ଗଡ଼ିଆ ଘାଟ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ କରାଯିବ। ମହାନଦୀ ଆଳତିରେ କାର୍ଯ୍ୟକ୍ରମ ଶେଷ ହେବ। ଇତିମଧ୍ୟରେ ଦୀପାବଳି ଅମାବାସ୍ୟା ଦିନ ଉକ୍ତ କାର୍ଯ୍ୟକ୍ରମକୁ ବାଦ୍ ଦିଆଯାଇଛି। ଅନ୍ୟପକ୍ଷରେ ବାଲିଯାତ୍ରା ବ୍ୟବସାୟୀ ମିଳିତ ମଞ୍ଚରେ ସାମିଲ ହୋଇଥିବା ଅଲ୍ ଓଡ଼ିଶା ଟେଣ୍ଟ ଆଣ୍ଡ ସପ୍ଲାୟର ଓନର୍ସ ଆସୋସିଏଶନ, କଟକ କ୍ଲଥ ଆଣ୍ଡ ଲାଇଟ୍ ସପ୍ଲାୟର୍ସ ଆସୋସିଏଶନ, ବାଲିଯାତ୍ରା ବ୍ୟବସାୟୀ ସଂଘ, ମୀନାବଜାର ମହାସଂଘ ପ୍ରଶାସନ ନିଲାମ ଦ୍ୱାରା କ୍ଷୁଦ୍ର ବ୍ୟବସାୟୀ ପ୍ରଭାବିତ ହେବା ଆଶଙ୍କା ଥିବାରୁ ବାଲିଯାତ୍ରା ବର୍ଜନ କରିବା ନିଷ୍ପତ୍ତି ସମ୍ପର୍କରେ ଆଗାମୀ ୧୮ ତାରିଖରେ ସ୍ପଷ୍ଟ କରିବେ ବୋଲି ଜଣାଯାଇଛି।

# ଜେଲ ଭିତରେ ଅର୍ଚ୍ଚନାଙ୍କୁ ଜେରା ଯୋଜନା

ଭୁବନେଶ୍ୱର,୧୫।୧୦(ବ୍ୟୁରୋ)



ଜେଲରେ ଥିବା ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କୁ ନେଇ ତଦନ୍ତ ସେପରି ଆଗେଇ ପାରିନାହିଁ। ଇତିମଧ୍ୟରେ ୧୦ରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ତାଙ୍କ କଳା ସାମ୍ରାଜ୍ୟର ପେଡ଼ି ଖୋଲିପାରୁ ନାହିଁ ପୋଲିସ। କେମିତି ନିଜ ନାଗଫାଶରେ ପକାଇ ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ଅଭିନେତା, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ରଙ୍ଗମହଲକୁ ଡାକି ପରେ ବ୍ଲାକ୍‌ମେଲିଂ ଆଳରେ ଟଙ୍କା ଲୁଟି ଅମାପ ସମ୍ପତ୍ତି ଅର୍ଜନ କରିଛନ୍ତି ଗିରଫ ପରେ ତାହା ଜଳ ଜଳ ହୋଇ ସାମ୍ନାକୁ ଆସିଛି। ଗିରଫ ବେଳେ ପୋଲିସ ଅର୍ଚ୍ଚନାଙ୍କଠାରୁ ମୋବାଇଲ, ଲାପ୍‌ଟପ୍, ବ୍ୟାଙ୍କ ପାସ୍‌ବୁକ୍, ହାର୍ଡ ଡିସ୍କ ଜବତ କରିଥିଲା, ଯେଉଁଥିରେ ଅର୍ଚ୍ଚନାଙ୍କ କଳା କାରନାମାର ସମସ୍ତ ପ୍ରମାଣ ରହିଛି। ହେଲେ ତାଙ୍କ ରଙ୍ଗିନ ରାତିର ସାଥୀ ବନିଥିବା, କଳାସାମ୍ରାଜ୍ୟ ତିଆରିରେ ସାଥ୍ ଦେଇଥିବା ବହୁ ରାଜନେତା ଓ ବଡବଡିଆ ସଂପୃକ୍ତ ଥିବାରୁ କାଳେ ଅର୍ଚ୍ଚନା ମୁହଁ ଖୋଲିଦେବେ ସେଥିପାଇଁ ତାଙ୍କୁ ପଦାକୁ ଆଣିବାକୁ ଡରୁଛି କମିଶନରେଟ ପୋଲିସ। ଏପରି ସ୍ଥିତିରେ ଅର୍ଚ୍ଚନାଙ୍କୁ ଜେଲ ଭିତରେ କମିଶନରେଟ ପୋଲିସ ଜେରା କରିବାକୁ ଅଣ୍ଟା ଭିଡିଛି। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଅନୁମତି ଆଣିବାକୁ ଆବେଦନ କରିବାକୁ ଯାଉଛି। ଅନୁମତି ମିଳିବା ପରେ ଥାନାକୁ ନ ଆଣି ସୁରକ୍ଷା ଦୃଷ୍ଟିରୁ ଝାରପଡା ଜେଲରେ ପଚରାଉଚରା କରିବାକୁ ଯୋଜନା ଚଳାଇଛି। ପୋଲିସ ଅର୍ଚ୍ଚନାଙ୍କଠାରୁ ତାଙ୍କ କଳାକାରନାମାର ସତ ଓକାଳିବାକୁ ଆଶା ରଖିଛି। କିନ୍ତୁ ପୋଲିସ ତାହାକୁ ପଦାକୁ ଆଣିବ ତ? ଏଭଳି ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କି ମାରୁଛି। ଶୁକ୍ରବାର ଅର୍ଚ୍ଚନା ଜାମିନ ଆବେଦନ କରିଥିଲେ। ସୁରକ୍ଷା ଦୃଷ୍ଟିରୁ କୋର୍ଟକୁ ନିଆ ନ ଯାଇ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ହାଜର କରାଯାଇଥିଲା। କୋର୍ଟ ତାଙ୍କ ରାୟକୁ ସଂରକ୍ଷିତ ରଖିଛନ୍ତି।

## ଘର ପ୍ରତିଷ୍ଠାକୁ ଆସିଥିଲେ ପୂର୍ବତନ ବାଚସ୍ପତି : ଅର୍ଚ୍ଚନାଙ୍କ ପୁରୋହିତ

ଅର୍ଚ୍ଚନାଙ୍କ କଳାକାର୍‌ନାମା ପଦାକୁ ଆସିବା ସମୟରେ ପୂର୍ବତନ ବାଚସ୍ପତିଙ୍କ ସହ ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ଫଟୋ ଭାଇରାଲ ହୋଇଥିଲା। ଏହାକୁ ନେଇ ଏବେ ଅର୍ଚ୍ଚନାଙ୍କ ପରିବାରର ପୁରୋହିତ ବାଲେଶ୍ୱର ଜିଲା ଜଳେଶ୍ୱରର ହରିଶଙ୍କର ଶତପଥୀ କହିଛନ୍ତି, ଅର୍ଚ୍ଚନାଙ୍କ ଘରକୁ ବାଚସ୍ପତି ବହୁବାର ଯାଇଥିବା ମୁଁ ଦେଖିଛି। ଅର୍ଚ୍ଚନାଙ୍କ ଘର ପ୍ରତିଷ୍ଠାକୁ ଯାଇଥିବାବେଳେ ପୂର୍ବତନ ବାଚସ୍ପତି ତଥା ବିଜେଡିର ବରିଷ୍ଠ ନେତା ସୂର୍ଯ୍ୟ ନାରାୟଣ ପାତ୍ର ଯାଇଥିବା ସେ କହିଛନ୍ତି।

## ଜଗବନ୍ଧୁଙ୍କ ଦାମୀ ବାଇକ୍ ଗାଏବ୍

ଇତିମଧ୍ୟରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡସ୍ଥିତ ଏକ ଆପାର୍ଟମେଣ୍ଟରେ ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁକଙ୍କ ଦାମୀ ହାର୍ଲେ ଡେଭିଡଶନ ବାଇକ ଠାବ ହୋଇଛି। ହେଲେ ଶନିବାର ସକାଳୁ କେତେଜଣ ବ୍ୟକ୍ତି ଟାଟା ଏସିଇ ଗାଡିରେ ତାହାକୁ ଲୋଡ୍ କରି ନେଇଯାଇଥିବା ସିସିଟିଭିରୁ ଜଣାପଡିଛି। ତେବେ ଆପାର୍ଟମେଣ୍ଟରେ ଭଡ଼ାରେ ରହୁଥିବା ଅଭିଷେକ ନାମକ ଜଣେ ଯୁବକ ଗତ ୨ ମାସ ହେଲା ଗାଡିଟିକୁ ପାଖରେ ରଖିଥିଲେ ବୋଲି ଆପାର୍ଟମେଣ୍ଟର ଜଣେ ସିକ୍ୟୁରିଟି ଗାର୍ଡ ଗଣମାଧ୍ୟମ ଆଗରେ କହିଛନ୍ତି। ସେହିପରି ଅର୍ଚ୍ଚନାଙ୍କ ବଙ୍ଗଳାରୁ ଆଉକିଛି ଗାଡି ଗାଏବ୍ ହୋଇଯାଇଥିବା କୁହାଯାଉଛି, ଯାହାକୁ ନେଇ ଏବେ ନାନା ପ୍ରଶ୍ନ ଉଙ୍କି ମାରୁଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନେ ଅର୍ଚ୍ଚନାଙ୍କ କଳା କାରବାର ସହ ସମ୍ପୃକ୍ତ ଥିବା ମଧ ଚର୍ଚ୍ଚା ହେଉଛି।

# ସଂକ୍ଷେପରେ

## ବାଣ ଗୋଦାମରେ ଚଢ଼ାଉ

ଜଟଣୀ,୧୫।୧୦(ଡି.ଏନ୍.ଏ.): ଜଟଣୀ ଥାନା ଅଧୀନ ହରିଭାଇରନା ଛକସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ନିକଟରେ ବେଆଇନ ଭାବେ ଚାଲିଥିବା ବାଣ ଗୋଦାମରେ ଶନିବାର ରାତିରେ ପୋଲିସ ଚଢ଼ାଉ କରିଛି। ବିପୁଳ ପରିମାଣର ବାଣ ଜବତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଦୀପାବଳିକୁ ଦୃଷ୍ଟିରେ ରଖି ଜଣେ ବ୍ୟବସାୟୀ ବିଭିନ୍ନ ରାଜ୍ୟରୁ ବାଣ ଆଣି ଗଚ୍ଛିତ ରଖି ବ୍ୟବସାୟ କରୁଥିଲେ। ଜନବସତି ଅଞ୍ଚଳରେ ବାଣ ଗୋଦାମ କରି ବ୍ୟବସାୟ କରୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଅଘଟଣକୁ ଏଡ଼ାଇବା ପାଇଁ ଜଟଣୀ ପୋଲିସର ଏକ ଟିମ୍ ଉକ୍ତ ଗୋଦାମରେ ଚଢ଼ାଉ କରିବା ସହ ବାଣ ଜବତ କରିଥିଲା। ଅନ୍ୟପଟେ ବାଣ ଗୋଦାମ ମାଲିକଙ୍କ ବାଣ ଗୋଦାମ କିମ୍ବା ବିକ୍ରି ପାଇଁ ବୈଧ ସରକାରୀ ଅନୁମତି କିମ୍ବା ଲାଇସେନ୍ସ ନ ଥିବା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି।

## ବନ୍ଧୁକ ଦେଖାଇ ବ୍ୟବସାୟୀଙ୍କଠାରୁ ୧.୮୩ ଲକ୍ଷ ଲୁଟ୍

ନିରାକାରପୁର,୧୫।୧୦(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ନିରାକାରପୁର ଲେଭଲ କ୍ରସିଂ ନିକଟରେ ଶନିବାର ଦୁର୍ବୃତ୍ତମାନେ ଜଣେ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ୧ଲକ୍ଷ ୮୩ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଲୁଟର ଶିକାର ହୋଇଥିବା ବ୍ୟବସାୟୀ ଜଣଙ୍କ ନିରାକରପୁରର ବିଭିନ୍ନ ଦୋକାନରେ ତାଙ୍କ କମ୍ପାନୀ ସାମଗ୍ରୀ ଦେବା ସହ ଟଙ୍କା କଲେକ୍ସନ କରି ଫେରୁଥିଲେ। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ବାଇକରେ ଆସି ତାଙ୍କୁ ଲେଭଲ କ୍ରସିଂ ନିକଟରେ ଅଟକାଇବା ସହ ବନ୍ଧୁକ ଦେଖାଇଥିଲେ। ପରେ ଦୁର୍ବୃତ୍ତମାନେ ବ୍ୟବସାୟୀଙ୍କ ପାଖରେ ଥିବା ଟଙ୍କା ନେଇ ଫେରାର ହୋଇଯାଇଥିଲେ।

## ଡିଆଇ ପିଆର୍‌ଓଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର, ୧୫।୧୦ (ବ୍ୟୁରୋ): ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ହିସାବ ରକ୍ଷଣ ଓ ବିତ୍ତୀୟ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନଠାରେ ୩ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ କହିଥିଲେ, ଏହାଦ୍ୱାରା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଅଧିକ ସୁଦୃଢ଼ ହେବ। ଆଗାମୀ ଦିନରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିସହ ସେ ବିଭିନ୍ନ ପ୍ରସଙ୍ଗରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶିକ୍ଷଣ ଗୁଣାତ୍ମକ ଥିଲା ଏବଂ ଆମ ପାଇଁ ଏହା ଲାଭଦାୟକ ହୋଇଛି ବୋଲି ଡିଆଇପିଆର୍‌ଓମାନେ ମତ ଦେଇଥିଲେ। ଏହି ଅବସରରେ ନିର୍ଦ୍ଦେଶକ ତ୍ରିପାଠୀ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଜେଟ୍ ପ୍ରସ୍ତୁତି, ପେନ୍‌ସନ୍ ନିୟମ, ସରକାରୀ ବିତ୍ତୀୟ ବ୍ୟବସ୍ଥା ଓ ଅଡିଟ୍, ଆୟକର ପ୍ରଦାନରେ ଟିଡିଏସ୍ ବ୍ୟବସ୍ଥା, ଜିଏସ୍‌ଟି, ଜିଇଏମ୍ ପୋର୍ଟାଲ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ ସଚିବ ବିଷ୍ଣୁପ୍ରିୟା ସାହୁ, ଗୁରୁବୀର୍ ସିଂ, ମଧୁସୂଦନ ଦାସ ଚିରସ୍ମିତା ସାହୁ, ଭାନୁମଙ୍ଗଳ ଦାସ ଉପସ୍ଥିତ ଥିଲେ।

## ସାରଳା ରିୟଲକନ୍‌ର ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ

କଟକ ଅଫିସ,୧୫।୧୦: କଟକ ସ୍ୱତନ୍ତ୍ର ଚିଟ୍‌ଫଣ୍ଡ କୋର୍ଟରେ ଚିଟ୍‌ଫଣ୍ଡ ସଂସ୍ଥା ସାରଳା ରିୟଲକନ୍ ପ୍ରାଇଭେଟ୍ ଲିମିଟେଡ୍ ମାମଲାର ରାୟ ପ୍ରକାଶ ପାଇଛି। ଅଦାଲତ ଏହି ସଂସ୍ଥାର ୧୩ କୋଟି ୮୦ ଲକ୍ଷ ୬୯ ହଜାର ୮୭୫ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏହି ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଉକ୍ତ ଅର୍ଥ ଫେରସ୍ତ ଦେବା ପାଇଁ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାଜ୍ୟାପ୍ତି ସମ୍ପତ୍ତି ମଧ୍ୟରେ ଖୋର୍ଦ୍ଧା, ପୁରୀ ଓ କେନ୍ଦ୍ରାପଡ଼ାରେ ୯୫.୦୭୪୮୭ ଏକର ଜମି ରହିଛି। ଏଥିସହ ସଂସ୍ଥା ନାମରେ ବିଭିନ୍ନ ବ୍ୟାଙ୍କରେ ୯ଟି ଆକାଉଣ୍ଟରେ ଥିବା ୧୩ ଲକ୍ଷ ୧୦ ହଜାର ୩୧୬ ଟଙ୍କା ଓ ନଗଦ ୩ ଲକ୍ଷ ୨୫ ହଜାର ୬୦୦ ଟଙ୍କା, ବିଭିନ୍ନ କମ୍ପାନୀର ଗାଡ଼ି ଜବତ କରାଯାଇଥିଲା। ଉକ୍ତ ସଂସ୍ଥା ଜମାକାରୀଙ୍କ ବହୁ କୋଟି ଟଙ୍କା ଠକି ନେଇଥିଲା। ଅଭିଯୋଗ ପରେ ଚିଟ୍‌ଫଣ୍ଡ କୋର୍ଟରେ ମାମଲା ରୁଜୁ ହୋଇଥିଲା।

# ସଂସ୍କୃତି, ପରମ୍ପରା ଗାଁ ମାଟିର ଅସ୍ମିତା

ବେଗୁନିଆ,୧୫।୧୦(ଡି.ଏନ୍.ଏ.):



ମା' ଗଜଲକ୍ଷ୍ମୀ ମହୋତ୍ସବରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ କଳାକାରଙ୍କ ସହ ନାଚୁଛନ୍ତି।

## ଡାଲତୋଳା ମା'ଗଜଲକ୍ଷ୍ମୀ ମହୋତ୍ସବ ଉଦ୍‌ଯାପିତ

ବେଗୁନିଆ ବ୍ଲକ କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ ଡାଲତୋଳା ବଜାର କମିଟି ଆନୁକୂଲ୍ୟରେ ଏକ ସପ୍ତାହ ଧରି ଚାଲିଥିବା ମା' ଗଜଲକ୍ଷ୍ମୀ ମହୋତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ବଜାର କମିଟି ସଭାପତି ରୁସ୍ତମ ଖାଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବକ୍ତାଭାବେ ଜିଲା ପରିଷଦ ସଭ୍ୟ ଅନାଦି ସାହୁ, ବଜାର କମିଟି ସଭାପତି ଧୂଳିରାମ ସାହୁ, ସ୍ଥାନୀୟ ସମିତି ସଭ୍ୟା ସୁବାସିନୀ ସାହୁ, ରତିକାନ୍ତ କହଲସିଂହ, ଉପଦେଷ୍ଟା ନିରଞ୍ଜନ ସାମନ୍ତସିଂହାର, ସମ୍ପାଦକ ଅଭୟ କୁମାର ସିଂହ, ପୂର୍ବତନ ପ୍ରଧାନ ଶିକ୍ଷକ ଦେବରାଜ ପରିଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଐତିହ୍ୟ, ସଂସ୍କୃତି ଓ ପରମ୍ପରା ହେଉଛି ଗାଁ ମାଟିର ଅସ୍ମିତା। ଆଧୁନିକ ଯୁଗରେ ଗାଁ ମାଟିର ଲୋକମାନେ ପାରମ୍ପରିକ ଉତ୍ସବ ପାଳନ କରି ଭାଇଚାରାର ଭାବଧାରାକୁ ଉଜ୍ଜୀବୀତ କରି ରଖିଛନ୍ତି ବୋଲି ଅତିଥି ଜଗଦେବ କହିଥିଲେ। ଏହି ଅବସରରେ ଆୟୋଜିତ ସମ୍ବଲପୁରୀ, ଦୁଲଦୁଲ୍ଲୀ ନୃତ୍ୟ ଓ ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ବିଧାୟକ ଜଗଦେବ ସମ୍ବଲପୁରୀ ଗୀତରେ କଳାକାରଙ୍କ ସହ ନାଚୁଥିବା ଦେଖିବାକୁ ମିଳିଥିଲା। ଜନ୍ମେଶ୍ୱର ମଙ୍ଗରାଜ ଓ ଗଣେଶ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗଣେଶ ସାହୁ ଧନ୍ୟବାଦ ଦେଇଥିଲେ।

# ରାଜନୈତିକ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ, ୬ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା), ୧୫।୧୦(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ କନ୍ତଳବାଇ ଓ ଉଜଳାଗୋପୀନାଥପୁର ଗ୍ରାମରେ ରାଜନୈତିକ ଶତ୍ରୁତାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଏନେଇ ଉଭୟପକ୍ଷଙ୍କ ଅଭିଯୋଗକ୍ରମେ ଥାନାରେ ଦୁଇଟି ମାମଲା (ନଂ.୫୮୩/୨୨, ୫୮୪/୨୨) ରୁଜୁ ହୋଇଛି। ପୋଲିସ ତଦନ୍ତ କରିବା ସହ ଶନିବାର ଉଭୟ ଗୋଷ୍ଠୀର ୩ ଜଣ ଲେଖାଏ ମୋଟ୍ ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପୂର୍ବତନ ଜିଲା ପରିଷଦ ସଭ୍ୟ ସ୍ୱଦେଶ ରାଉତରାୟ, ପୂର୍ବତନ ସରପଞ୍ଚ ଗୋବିନ୍ଦ ରାଉତରାୟ, ତ୍ରିନାଥ ପରିଡା, ଶିବ ପ୍ରସାଦ ପରିଡା, ଶ୍ରୀକାନ୍ତ ପରିଡ଼ା ଓ ସୂର୍ଯ୍ୟକାନ୍ତ ପରିଡ଼ା। ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି ବୋଲି ଆଇଆଇସି ଦିଗ୍ ବିଜୟ ବିଶ୍ୱାଳ କହିଛନ୍ତି। ପ୍ରକାଶ ଯେ, ପୂର୍ବରୁ ଉଭୟ ଗୋଷ୍ଠୀ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପାଇଁ କାମ କରୁଥିଲେ। ବର୍ତ୍ତମାନ ଦୁଇଟି ଦଳରେ କାର୍ଯ୍ୟ କରୁଥିବାରୁ ଉଭୟ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି।

# ୧୮୬୫ ପ୍ରକଳ୍ପ ଅଧପନ୍ତରିଆ

ବେଗୁନିଆ,୧୫।୧୦(ଡି.ଏନ୍.ଏ.):

## ସାମାଜିକ ସମୀକ୍ଷାର ଜନଶୁଣାଣି ଶିବିର

ବେଗୁନିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟର ଅଭ୍ୟର୍ଥନା ପ୍ରକୋଷ୍ଠରେ ଶନିବାର ସାମାଜିକ ସମୀକ୍ଷାର ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅତିରିକ୍ତ ଜିଲାପାଳ ମନୋଜ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବିଡିଓ ଲକ୍ଷ୍ମୀଧର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଅଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ଜିଲା ସାମାଜିକ ଅଡିଟର ପ୍ରଦୋଷ ମହାରଣା, ଜ୍ୟୋତ୍ସ୍ନାମୟୀ ରାଉତ ଯୋଗଦେଇଥିଲେ। ୨୦୨୧ ଏପ୍ରିଲରୁ ୨୦୨୨ ମାର୍ଚ୍ଚ ପର୍ଯ୍ୟନ୍ତ ଉକ୍ତ ଯୋଜନାର କାର୍ଯ୍ୟକାରୀତା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ବ୍ଲକରେ ଥିବା ୧୬୦ଟି ରାଜସ୍ୱ ଗ୍ରାମରେ ବିଭିନ୍ନ ଜନହିତକର ଯୋଜନାରେ ୨୭୮୮ଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପାଇଁ ପ୍ରାୟ ୧କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ସେଥିରୁ ୯୨୩ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୧୮୬୫ଟି ପ୍ରକଳ୍ପ କାର୍ଯ୍ୟ ଅଧପନ୍ତରିଆ ରହିଛି। ୩୦୫ ପରିବାର ୧୦୦ ଦିନର କାର୍ଯ୍ୟ ଶେଷ କରିଛନ୍ତି। ଏହି ଯୋଜନାର ଅନ୍ତର୍ଭୁକ୍ତ ୨୬୦ପ୍ରକାରର କାର୍ଯ୍ୟ ଆଗାମୀ ୨୦୨୨-୨୩ ବର୍ଷରେ ସୃଷ୍ଟି କରିବା ପାଇଁ ଯୋଜନା କରାଯାଇଛି। ଗ୍ରାମ ରୋଜଗାର ସେବକ କାର୍ଯ୍ୟର ଠିକ୍ ତଥ୍ୟ ଉପସ୍ଥାପନ କରି ପାରିନାହାଁନ୍ତି ବୋଲି ମତପ୍ରକାଶ ପାଇଥିଲା। ଅତିରିକ୍ତ ଜିଲାପାଳ କ୍ଷୋଭ କରିବା ସହ ଗ୍ରାମ ରୋଜଗାର ସେବକଙ୍କୁ ତାଗିଦ୍ କରିଥିଲେ। ଆଫ୍ରିନ ଜାଫର, ଦେବାଶିଷ ସାହୁ ଉପସ୍ଥିତ ଥିଲେ।



ଶିବିରରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଅଧିକାରୀ ଏବଂ ଅନ୍ୟମାନେ।

## ୨୪୨ ବିଦ୍ୟାର୍ଥୀଙ୍କ ହେଲା ଚକ୍ଷୁ ପରୀକ୍ଷା

ଜଟଣୀ,୧୫।୧୦(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ପୂର୍ବତଟ ରେଳପଥ ମିଶ୍ରିତ ଉଚ୍ଚବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ରୋସା ସଭାପତି ଡା.ପ୍ରସନ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମୋଟ ୨୪୨ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିରୁ ୬୭ଜଣ ବିଦ୍ୟାର୍ଥୀଙ୍କ ଚକ୍ଷୁରେ ସାମାନ୍ୟ ସମସ୍ୟା ପରିଲକ୍ଷିତ ହୋଇଥିବା ବେଳେ ଚକ୍ଷୁର ଉପଯୁକ୍ତ ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ। ସଂସଦର ସମ୍ପାଦିକା ପ୍ରଣତି ସ୍ୱାଇଁ, ରାଧାମୋହନ ପଟ୍ଟନାୟକ, ଅରୁଣ କୁମାର ମହାନ୍ତି, ତପନ ମିଶ୍ର, ସ୍ମିତା ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଅଶ୍ଳୀଳ ଫଟୋ ଭାଇରାଲ ଧମକ: ଛାତ୍ରୀଙ୍କ ଆତ୍ମହତ୍ୟା

ଖୋର୍ଦ୍ଧା ଅଫିସ/ନିରାକାରପୁର, ୧୫।୧୦(ଡି.ଏନ୍.ଏ.):

- ୬ ଗିରଫ, ଯୁବକ ଫେରାର
- ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମୃତଦେହ ରଖି ଧାରଣା
- ଏସିଡ୍ ପକାଇ ମାରିଦେବାକୁ ଧମକ ଦେଇଥିଲେ

ଅଶ୍ଳୀଳ ଫଟୋ ଭାଇରାଲ ଧମକ ଓ ମାନସିକ ନିର୍ଯାତନା ସହି ନ ପାରି ଜଣେ +୨ ପ୍ରଥମ ବର୍ଷ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ହେଲେ ଏହା ପୂର୍ବରୁ ସେ ନିଜ ଆତ୍ମହତ୍ୟା ସମ୍ପର୍କରେ ଚିଠି ମାଧ୍ୟମରେ ପୋଲିସକୁ ଜଣାଇବା ସହ ଏହା ପଛରେ ସମ୍ପୃକ୍ତ ଯୁବକଙ୍କ ନାଁ ମଧ୍ୟ ଲେଖିଛନ୍ତି। ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଖବର ପାଇ ନିରାକାରପୁର ପୋଲିସ, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ମୃତା ଛାତ୍ରୀଙ୍କ ମା'ଙ୍କ ଅଭିଯୋଗକ୍ରମେ ଶନିବାର ପୋଲିସ ଏକ ମାମଲା (ନଂ.୧୯୭/୨୨) ରୁଜୁକରି ସମ୍ପୃକ୍ତ ଯୁବକ ସଜତ୍ ଶାହାଙ୍କ ପରିବାରର ୬ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ମୁତିଜା ଶାହା, ଅର୍ସାଦ ଶାହା, ବେଗମ୍ ବିବି, ଅପ୍‌ସାନା ବେଗମ୍, ଆସ୍‌ମା ବେଗମ୍ ଏବଂ ରିଆନା ବେଗମ୍। ଅନ୍ୟପଟେ ସମ୍ପୃକ୍ତ ଯୁବକ ଫେରାର ଥିବା ବେଳେ ତାଙ୍କ ଗିରଫ ଦାବିରେ ଥାନା ଆଗରେ ମୃତଦେହ ରଖି ପରିବାର ଓ ଗ୍ରାମବାସୀ ଧାରଣା ଦେଇଥିଲେ।

ସୂଚନା ମୁତାବକ, ଛାତ୍ରୀ ଜଣଙ୍କ କଲେଜରେ ପଢୁଥିବା ବେଳେ ଜଣେ ଯୁବକ ତାଙ୍କୁ ଏକତରଫା ପ୍ରେମ କରୁଥିଲେ। ବାରମ୍ବାର ପ୍ରେମ ନିବେଦନ କରି ବିଫଳ ହେବା ପରେ ସମ୍ପୃକ୍ତ ଯୁବକ ଅନେକ ସମୟରେ ଛାତ୍ରୀ ଜଣଙ୍କୁ ହଇରାଣ କରୁଥିଲେ। ଏଥିସହ ତାଙ୍କ ସହ ସମ୍ପର୍କ ନ ରଖିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏପରି କି କିଛି ଅଶ୍ଳୀଳ ଫଟୋ ଏବଂ କଥାବାର୍ତ୍ତା ସମୟର ଭଏସ୍ କଲ୍ ରେକର୍ଡ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଏ ନେଇ ଛାତ୍ରୀ ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ଆଉ ହଇରାଣ କରିବେ ନାହିଁ ବୋଲି ଏକ ମାସ ପୂର୍ବେ ପୋଲିସ ଉପସ୍ଥିତିରେ ସମ୍ପୃକ୍ତ ଯୁବକ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଗତ ଶୁକ୍ରବାର ଜଣେ ସହପାଠିନୀଙ୍କ ଜରିଆରେ ଅଜାଣତରେ ଛାତ୍ରୀ ଜଣଙ୍କ ଫୋନ୍ ମାଧ୍ୟମରେ ସମ୍ପୃକ୍ତ ଯୁବକଙ୍କ ସହ କଥା ହୋଇଥିଲେ। ସମ୍ପୃକ୍ତ ଯୁବକ ଗାଳିଗୁଲଜ କରିବା ସହ ଏସିଡ୍ ପକାଇ ମାରିଦେବାକୁ ଧମକ ଦେଇଥିଲେ। ତେବେ ମାନସିକ ନିର୍ଯାତନା ସହି ନ ପାରି ସମ୍ପୃକ୍ତା ଛାତ୍ରୀ ବିଷ ଖାଇଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ନେଇ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଶନିବାର ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ପରିବାର ଲୋକେ ଓ ଗ୍ରାମବାସୀ ଥାନା ମୁଖ୍ୟ ଫାଟକ ଆଗରେ ମୃତଦେହ ରଖି ଧାରଣା ଦେଇଥିଲେ। ଏସ୍‌ଡିପିଓ ବାରିକ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।


## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com




@ ଅବିନାଶ



@ ବିଶ୍ୱଭୂଷଣ



@ ସନ୍ତୋଷ



@ ଦିଗ୍‌ଦର୍ଶନ



@ ମହେଶନାଥ



@ ଅଂଶୁମାନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜି ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ

ଖୋର୍ଦ୍ଧା ଅଫିସ,୧୫।୧୦:

ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ବିଦ୍ୟାଳୟ ୧୭ବର୍ଷରୁ କମ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହେବ। ତେବେ ଶନିବାର ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଜଟଣୀ ବାଳିକା ଦଳ ଭୁବନେଶ୍ୱର ବ୍ଲକକୁ ୪-୧ ବ୍ୟବଧାନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଭୁବନେଶ୍ୱର ବ୍ଲକର ବାଳକ ଦଳ ୫-୪ରେ ବୋଲଗଡ଼କୁ ପରାସ୍ତ କରିଛି। ଅପରାହ୍ନରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ବାଳିକା ଦଳ ଖୋର୍ଦ୍ଧାକୁ ୩-୦ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ସେହିପରି ବିଏମସି ବାଳକ ଦଳ ଖୋର୍ଦ୍ଧା ବ୍ଲକ ଟିମକୁ ୨-୧ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ରବିବାର ଜଟଣୀ ଓ ବିଏମସି ବାଳିକା ଏବଂ ବାଳକ ବର୍ଗରେ ବିଏମସି ଓ ଭୁବନେଶ୍ୱର ବ୍ଲକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ମ୍ୟାଚରେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ରୁପଶ୍ରୀରାଣି ଗୁମାନ ସିଂ, ପୌରାଧ୍ୟକ୍ଷ କନକଲକ୍ଷ୍ମୀ ମହାନ୍ତି, ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଜୟୀ ଓ ରନର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଜିଲା କ୍ରୀଡା ନିରୀକ୍ଷକ ପଠାଣି ଆଗାସିଂ, ବିଇଓ ନିରଞ୍ଜନ ମହାନ୍ତି, ଶିକ୍ଷାବିତ୍ ପ୍ରତାପ କୁମାର ସାମନ୍ତରାୟ, ନଳିନୀକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ଉଭୟଦଳର ଖେଳାଳିମାନେ।

**ସରପଞ୍ଚ ପଦ ପାଇଁ ମୈଦାନରେ ୪ ପ୍ରାର୍ଥୀ**

ପିପିଲି,(ସ୍ୱ.ପ୍ର)- ପିପିଲି ବ୍ଲକ ଅନ୍ତର୍ଗତ ଯଶୁଆପୁରର ସରପଞ୍ଚ ପଦବୀ ପାଇଁ ନଭେମ୍ବର ୪ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିନେଇ ପ୍ରାର୍ଥୀ ତାଙ୍କ ନାମାଙ୍କନ ପତ୍ର ଭରିବା ଆରମ୍ଭ କରିଦେଇଛନ୍ତି। ବୁଧବାର ୬ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ବ୍ଲକ କାର୍ଯ୍ୟାଳୟ ପରିସରରେ ଦାଖଲ କରିଥିଲେ। ପ୍ରାର୍ଥୀ ସେଥିମଧ୍ୟରୁ ୨ଜଣ ସେମାନଙ୍କର ନାମାଙ୍କନ ପତ୍ର ପ୍ରତ୍ୟାହାର କରିଥିବା ନେଇ ବ୍ଲକ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି। ସେମାନେ ହେଲେ ନିରନ ପ୍ରଧାନ ଓ ସୁମନ୍ତ ପରିଡା। ବ୍ଲକ ଚୁଡାନ୍ତ ତାଲିକାରେ ଯଶୁଆପୁର ସରପଞ୍ଚ ପଦବୀ ପାଇଁ ୪ଜଣ ପ୍ରାର୍ଥୀ ହେଲେ, ଶାସକ ବିଜେଡି ଦଳ ସମର୍ଥିତ ପ୍ରାର୍ଥୀ ଭାବେ ସନ୍ତୋଷ ମହାନ୍ତି, ଭାଜପା ସମର୍ଥିତ ପ୍ରାର୍ଥୀ ଭାବେ ଅକ୍ଷୟ ବେହେରା, କଂଗ୍ରେସ ଦଳ ସମର୍ଥିତ ଭାବେ ନରସିଂହ ପ୍ରଧାନ, ସ୍ୱାଧୀନ ପ୍ରାର୍ଥୀ ଭାବେ ବଳଭଦ୍ର ପ୍ରଧାନ। ଯଶୁଆପୁର ସରପଞ୍ଚ ଶ୍ୟାମସୁନ୍ଦର ପରିଡାଙ୍କ ମୃତ୍ୟୁ ପରେ ଏହି ପଦବୀ ଖାଲି ପଡ଼ିଥିଲା।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫।୧୦।୨୦୨୨

| | |
|---|---|
| ୪,୩୧,୩୯୨ ଟଙ୍କା | |
| ସୁନା | ୩.୫୦୦ ଗ୍ରାମ |
| ରୁପା | ୫ ଗ୍ରାମ |

## ଆଜି କ'ଣ କେଉଁଠି

ନିମାପଡ଼ା

- ଲିଟିଲ୍ ଷ୍ଟାର ଗ୍ରୁପ ପକ୍ଷରୁ ୨୧ତମ କୁମାର ଉତ୍ସବ 'ଫୁଲ ବଉଳ ବେଣି', ଦୁର୍ଗା ମଣ୍ଡପ ପଡ଼ିଆ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ବୋମାମାଡ଼ରେ ଯୁବକ ମୃତ ଘଟଣା: ଅଭିଯୁକ୍ତ ଗିରଫ

ଡେଲାଙ୍ଗ,୧୫।୧୦(ଡି.ଏନ୍.ଏ.): ଡେଲାଙ୍ଗ ଥାନା ହରିରାଜପୁର ଫାଣ୍ଡି ଅଞ୍ଚଳର ନଇଭଁସର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୋମାମାଡ଼ କରି ଯୁବକଙ୍କୁ ହତ୍ୟା ଘଟଣାରେ ଫେରାର ଥିବା ଅଭିଯୁକ୍ତ ବିଦ୍ୟାଧର ଦାସଙ୍କୁ ଶୁକ୍ରବାର ଡେଲାଙ୍ଗ ପୋଲିସ ଗିରଫ କରିଛି। ଏ ନେଇ ଡେଲାଙ୍ଗ ଥାନା ପରିସରରେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳଙ୍କ ସଭାପତିତ୍ୱରେ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଅଭିଯୁକ୍ତ ଗତ ୪ ତାରିଖରେ ବୋମାମାଡ଼ କରି ସେହି ଗ୍ରାମର ତପନ ଦାସଙ୍କୁ ହତ୍ୟାକରି ଫେରାର ହୋଇଯାଇଥିଲେ। ଏ ନେଇ ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ତଦନ୍ତ କରିଥିଲା। ଶୁକ୍ରବାର ଡେଲାଙ୍ଗ ଆଇଆଇସି ଅନିଲ ମହାନ୍ତି କୌଣସି ସୂତ୍ରରୁ ଅଭିଯୁକ୍ତ ଭୁବନେଶ୍ୱରର ଉତ୍ତରାରେ ଲୁଚିଥିବା ଖବର ପାଇଥିଲେ। ଏଏସ୍‌ଆଇ ଗୋପବନ୍ଧୁ ରାଉତ, ସିପାହି ପ୍ରଶାନ୍ତ ପ୍ରଧାନ, ଗୃହରକ୍ଷୀ ପ୍ରମୋଦ ସେଠୀ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### କାର୍ତ୍ତିକ ପ୍ରଥମ ଶନିବାର ନବଗ୍ରହ ଦର୍ଶନ

କୋଣାର୍କ,୧୫।୧୦(ଡି.ଏନ୍.ଏ.)- କାର୍ତ୍ତିକ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ପ୍ରଥମ ଶନିବାର ହେତୁ ନିଜର ଗ୍ରହପୀଡ଼ା ମୋଚନ ପାଇଁ କୋଣାର୍କ ସୂର୍ଯ୍ୟମନ୍ଦିର ପାର୍ଶ୍ୱରେ ଥିବା ନବଗ୍ରହ ମନ୍ଦିରକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବାରେ ଲାଗିଛି। ନବଗ୍ରହ ହେଉଛନ୍ତି ଗ୍ରହପୀଡ଼ା ମୋଚନ ଦେବତା। ଏଠାକୁ ନିଜର କି ପରିବାରର ଶନି ରାହୁ କେତୁ ଓ ଅନ୍ୟାନ୍ୟ ଗ୍ରହଙ୍କ ଦଶାରୁ ମୁକ୍ତି ପାଇବା ପାଇଁ ଶ୍ରଦ୍ଧାଳୁ ଆସନ୍ତି। ଏଠାରେ ନବଗ୍ରହଙ୍କ ଦର୍ଶନ କରି ଏହି ଦିନରେ ହୋମଯଜ୍ଞ କଲେ ବହୁ ଦୁରାରୋଗ୍ୟରୁ ମୁକ୍ତି ମିଳିଥାଏ ବୋଲି ନବଗ୍ରହ ସେବକ କୈଳାସ ପାଢ଼ୀ କହିଛନ୍ତି। ଶ୍ରଦ୍ଧାଳୁ ଶାରୀରିକ ଅକ୍ଷମ ପିଲାଙ୍କୁ ଆଣି ଏହି ମନ୍ଦିର ନିକଟରେ ଥିବା ବାଲିରେ ପୋତିଥାଆନ୍ତି। ଏପରି ସାତ ପାଳି ପିଲାକୁ ଆଣି ପୋତିଲେ ପିଲା ସୁସ୍ଥ ହୋଇଥାଏ ବୋଲି ବିଶ୍ୱାସ ରହିଛି।

### କଲାମଙ୍କ ଜୀବନୀ ପିଲାଙ୍କ ପାଇଁ ପଥ ପ୍ରଦର୍ଶକ

ପୁରୀ ଅଫିସ,୧୫।୧୦- ଶିଶୁ ସମାଚାର ପକ୍ଷରୁ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଅବଦୁଲ କଲାମଙ୍କ ଜୟନ୍ତୀ ତଥା ବିଶ୍ୱ ବିଦ୍ୟାର୍ଥୀ ଦିବସ ଶନିବାର ସୁଖଲତା ବାଳିକା ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଆଡ୍‌ଭୋକେଟ ଶରତ କୁମାର ରାୟଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାପର୍ବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଡେପୁଟି କଲେକ୍ଟର ସୁମନ୍ତ କୁମାର କର, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଶିକ୍ଷାବିତ ଅବନୀଶ ରଥ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର କର, ଅର୍ନ୍ନପୂର୍ଣ୍ଣା ଦେବୀ, ଶିଶୁ ପ୍ରତିଭା ସିମରଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କଲାମଙ୍କ ଜୀବନୀ ପିଲାଙ୍କ ପାଇଁ ପଥ ପ୍ରଦର୍ଶକ ଓ ତାଙ୍କର ଲେଖା ଏବଂ ବାଣୀକୁ ବିଦ୍ୟାର୍ଥୀମାନେ ଅନୁସରଣ କଲେ ନିଶ୍ଚିତ ଭଲ ମଣିଷ ହେବେ ବୋଲି ଅତିଥିମାନେ କହିଥିଲେ। ପରେ ଶିଶୁ ସମାଚାରର ଅକ୍ଟୋବର ସଂଖ୍ୟା ଓ ରେଣୁକା ମିଶ୍ରଙ୍କ ଲିଖିତ ଆଦର୍ଶ ଚରିତ୍ର ସଂଗ୍ରହ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଶିକ୍ଷକ ପ୍ରଶାନ୍ତ ତ୍ରିପାଠୀ ଓ ଆଚାର ସମସ୍ତ ସଦସ୍ୟଙ୍କୁ ମାନପତ୍ର ଦିଆଯାଇଥିଲା। ସେହିପରି ବକ୍ତୃତାରେ ସତ୍ୟବାଦୀର ସୁଶ୍ରୀ ସିମରଣ ମହାପାତ୍ର ପ୍ରଥମ, ଚନ୍ଦନପୁରର ପ୍ରିୟାଂଶୀ ସାହୁ ଦ୍ୱିତୀୟ, ଆସ୍ଥା ରଥ ତୃତୀୟ ଓ ଚିତ୍ରାଙ୍କନରେ ଅନ୍ୱେଷା ପଟ୍ଟନାୟକ ପ୍ରଥମ, ଉଦିପ୍ତା ଉପାସନା ଦ୍ୱିତୀୟ, ଶ୍ରଦ୍ଧାସ୍ୱରୂପ ନନ୍ଦଙ୍କୁ ତୃତୀୟ ପୁରସ୍କାର ଦିଆଯାଇଥିଲା। ହେମନ୍ତ ଛୋଟରାୟ ଧନ୍ୟବାଦ ଦେଇଥିଲେ। ଜୟଶ୍ରୀ ମୁଦ୍ରା, ରେଣୁକା ମିଶ୍ର, ସତ୍ୟ ସାହୁ, ଦିବାକର ଦଳେଇ, ସତ୍ୟ ମଲ୍ଲିକ ସହଯୋଗ କରିଥିଲେ।

# ଜେଲ ଭିତରେ ଅର୍ଚ୍ଚନାଙ୍କୁ ଜେରା ଯୋଜନା

ଭୁବନେଶ୍ୱର,୧୫।୧୦(ବ୍ୟୁରୋ)



ଜେଲରେ ଥିବା ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କୁ ନେଇ ତଦନ୍ତ ସେପରି ଆଗେଇ ପାରିନାହିଁ। ଇତିମଧ୍ୟରେ ୧୦ରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ତାଙ୍କ କଳା ସାମ୍ରାଜ୍ୟର ପେଡ଼ି ଖୋଲିପାରୁ ନାହିଁ ପୋଲିସ। କେମିତି ନିଜ ନାଗଫାଶରେ ପକାଇ ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ଅଭିନେତା, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ରଙ୍ଗମହଲକୁ ଡାକି ପରେ ବ୍ଲାକ୍‌ମେଲିଂ ଆଳରେ ଟଙ୍କା ଲୁଟି ଅମାପ ସମ୍ପତ୍ତି ଅର୍ଜନ କରିଛନ୍ତି ଗିରଫ ପରେ ତାହା ଜଳ ଜଳ ହୋଇ ସାମ୍ନାକୁ ଆସିଛି। ଗିରଫ ବେଳେ ପୋଲିସ ଅର୍ଚ୍ଚନାଙ୍କଠାରୁ ମୋବାଇଲ, ଲାପ୍‌ଟପ୍, ବ୍ୟାଙ୍କ ପାସ୍‌ବୁକ୍, ହାର୍ଡ ଡିକ୍ସ ଜବତ କରିଥିଲା, ଯେଉଁଥିରେ ଅର୍ଚ୍ଚନାଙ୍କ କଳା କାରାନାମାର ସମସ୍ତ ପ୍ରମାଣ ରହିଛି। ହେଲେ ତାଙ୍କ ରଙ୍ଗିନ ରାତିର ସାଥୀ ବନିଥିବା, କଳାସାମ୍ରାଜ୍ୟ ତିଆରିରେ ସାଥ୍ ଦେଇଥିବା ବହୁ ରାଜନେତା ଓ ବଡବଡିଆ ସଂପୃକ୍ତ ଥିବାରୁ କାଳେ ଅର୍ଚ୍ଚନା ମୁହଁ ଖୋଲିଦେବେ ସେଥିପାଇଁ ତାଙ୍କୁ ପଦାକୁ ଆଣିବାକୁ ଡରୁଛି କମିଶନରେଟ ପୋଲିସ। ଏପରି ସ୍ଥିତିରେ ଅର୍ଚ୍ଚନାଙ୍କୁ ଜେଲ ଭିତରେ କମିଶନରେଟ ପୋଲିସ ଜେରା କରିବାକୁ ଅଣ୍ଟା ଭିଡିଛି। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଅନୁମତି ଆଣିବାକୁ ଆବେଦନ କରିବାକୁ ଯାଉଛି। ଅନୁମତି ମିଳିବା ପରେ ଥାନାକୁ ନ ଆଣି ସୁରକ୍ଷା ଦୃଷ୍ଟିରୁ ଝାରପଡା ଜେଲରେ ପଚରାଉଚରା କରିବାକୁ ଯୋଜନା ଚଳାଇଛି। ପୋଲିସ ଅର୍ଚ୍ଚନାଙ୍କଠାରୁ ତାଙ୍କ କଳାକାରନାମାର ସତ ଓକାଳିବାକୁ ଆଶା ରଖିଛି। କିନ୍ତୁ ପୋଲିସ ତାହାକୁ ପଦାକୁ ଆଣିବ ତ? ଏଭଳି ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କି ମାରୁଛି। ଶୁକ୍ରବାର ଅର୍ଚ୍ଚନା ଜାମିନ ଆବେଦନ କରିଥିଲେ। ସୁରକ୍ଷା ଦୃଷ୍ଟିରୁ କୋର୍ଟକୁ ନିଆ ନ ଯାଇ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ହାଜର କରାଯାଇଥିଲା। କୋର୍ଟ ତାଙ୍କ ରାୟକୁ ସଂରକ୍ଷିତ ରଖିଛନ୍ତି।

### ଜଗବନ୍ଧୁଙ୍କ ଦାମୀ ବାଇକ୍ ଗାଏବ

ଇତିମଧ୍ୟରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡସ୍ଥିତ ଏକ ଆପାର୍ଟମେଣ୍ଟରେ ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁକଙ୍କ ଦାମୀ ହାର୍ଲେ ଡେଭିଡଶନ ବାଇକ ଠାବ ହୋଇଛି। ହେଲେ ଶନିବାର ସକାଳୁ କେତେଜଣ ବ୍ୟକ୍ତି ଟାଟା ଏସିଇ ଗାଡିରେ ତାହାକୁ ଲୋଡ୍ କରି ନେଇଯାଇଥିବା ସିସିଟିଭିରୁ ଜଣାପଡିଛି। ତେବେ ଆପାର୍ଟମେଣ୍ଟରେ ଭଡ଼ାରେ ରହୁଥିବା ଅଭିଷେକ ନାମକ ଜଣେ ଯୁବକ ଗତ ୨ ମାସ ହେଲା ଗାଡିଟିକୁ ପାଖରେ ରଖିଥିଲେ ବୋଲି ଆପାର୍ଟମେଣ୍ଟର ଜଣେ ସିକ୍ୟୁରିଟି ଗାର୍ଡ ଗଣମାଧ୍ୟମ ଆଗରେ କହିଛନ୍ତି। ସେହିପରି ଅର୍ଚ୍ଚନାଙ୍କ ବଙ୍ଗଳାରୁ ଆଉକିଛି ଗାଡି ଗାଏବ୍ ହୋଇଯାଇଥିବା କୁହାଯାଉଛି, ଯାହାକୁ ନେଇ ଏବେ ନାନା ପ୍ରଶ୍ନ ଉଙ୍କି ମାରୁଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନେ ଅର୍ଚ୍ଚନାଙ୍କ କଳା କାରବାର ସହ ସମ୍ପୃକ୍ତ ଥିବା ମଧ୍ୟ ଚର୍ଚ୍ଚା ହେଉଛି।

### ଘର ପ୍ରତିଷ୍ଠାକୁ ଆସିଥିଲେ ପୂର୍ବତନ ବାଚସ୍ପତି : ଅର୍ଚ୍ଚନାଙ୍କ ପୁରୋହିତ

ଅର୍ଚ୍ଚନାଙ୍କ କଳାକାର୍‌ନାମା ପଦାକୁ ଆସିବା ସମୟରେ ପୂର୍ବତନ ବାଚସ୍ପତିଙ୍କ ସହ ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ଫଟୋ ଭାଇରାଲ ହୋଇଥିଲା। ଏହାକୁ ନେଇ ଏବେ ଅର୍ଚ୍ଚନାଙ୍କ ପରିବାରର ପୁରୋହିତ ବାଲେଶ୍ୱର ଜିଲା ଜଳେଶ୍ୱରର ହରିଶଙ୍କର ଶତପଥୀ କହିଛନ୍ତି, ଅର୍ଚ୍ଚନାଙ୍କ ଘରକୁ ବାଚସ୍ପତି ବହୁବାର ଯାଇଥିବା ମୁଁ ଦେଖିଛି। ଅର୍ଚ୍ଚନାଙ୍କ ଘର ପ୍ରତିଷ୍ଠାକୁ ଯାଇଥିବାବେଳେ ପୂର୍ବତନ ବାଚସ୍ପତି ତଥା ବିଜେଡିର ବରିଷ୍ଠ ନେତା ସୂର୍ଯ୍ୟ ନାରାୟଣ ପାତ୍ର ଯାଇଥିବା ସେ କହିଛନ୍ତି।



ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ଜୟନ୍ତୀରେ ଭଗବତୀ ବିଦ୍ୟା ନିକେତନ ପକ୍ଷରୁ ଅନୁଷ୍ଠିତ ବିଜ୍ଞାନମେଳାରେ ଛାତ୍ରୀମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

## ଭଗବତୀ ବିଦ୍ୟା ନିକେତନର ଜ୍ଞାନ ବିଜ୍ଞାନ ମେଳା

ପୁରୀ ଅଫିସ,୧୫।୧୦

ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ଏ.ପି.ଜେ ଅବଦୁଲ କଲାମଙ୍କ ଜୟନ୍ତୀ ତଥା ବିଶ୍ୱ ବିଦ୍ୟାର୍ଥୀ ଦିବସ ଅବସରରେ ଅଠରନଳା ଶିକ୍ଷାଶ୍ରୀ ଲେନ୍‌ସ୍ଥିତ ଭଗବତୀ ବିଦ୍ୟା ନିକେତନ ପକ୍ଷରୁ ବାର୍ଷିକ ଜ୍ଞାନବିଜ୍ଞାନ ମେଳା ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମେଳାରେ ପ୍ରଥମରୁ ସପ୍ତମ ଶ୍ରେଣୀର ବିଦ୍ୟାର୍ଥୀଙ୍କ ଦ୍ୱାରା ୧୨୨ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ତଥା ବରିଷ୍ଠ ବିଜ୍ଞାନ ପର୍ଯ୍ୟବେକ୍ଷକ ସୁରେନ୍ଦ୍ର କୁମାର ଦାଶ ଏହି ବିଜ୍ଞାନମେଳାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ସଭାପତି ପ୍ରାଣକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ଅନିତା ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣାକୁମାରୀ ଦେଈ, ଉପସଭାପତି କୈଳାସ ରାୟ, ସମ୍ପାଦକ ମହେନ୍ଦ୍ର ବିଶୋଇ, ସହସମ୍ପାଦକ ଲକ୍ଷ୍ମୀଧର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାନ ପ୍ରତି କଲାମଙ୍କ ଥିବା ଜିଜ୍ଞାସାକୁ ନେଇ ବିଜ୍ଞାନକୁ ଅଧିକରୁ ଅଧିକ ଲୋକପ୍ରିୟ କରିବା ଏବଂ କୁନି କୁନି ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଅନୁସନ୍ଧିତ୍ସୁ ମନୋଭାବ ତଥା ବୈଜ୍ଞାନିକ ଚିନ୍ତାଧାରାର ବିକାଶ କରାଇବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ବିଜ୍ଞାନ ଶିକ୍ଷକ ଦିବାକର ଦଳାଇ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜ୍ୟୋତିପ୍ରକାଶ ମହାରଣା, ମିହିର ରଞ୍ଜନ ମାନସିଂହ, ବିଜ୍ଞାନ ଶିକ୍ଷୟିତ୍ରୀ ଦୀପ୍ତି ମିଶ୍ର ବିଚାରକ ରୂପେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ବିତରଣ କରିଥିଲେ। ତନୁଜା ମହାପାତ୍ର, ରତ୍ନମଣି ଦଳେଇ, ମମତା ଦାସ, ଆର୍. ପ୍ରିୟଦର୍ଶିନୀ ବରାଳ, ପୀତବାସ ସ୍ୱାଇଁ, ପ୍ରୀତି ପୁଷ୍ପିତା ପାଣି, ଜଳନ୍ଧର ବିଶୋଇ ପ୍ରମୁଖ ମେଳା ପରିଚାଳନାରେ ସହଯୋଗ କରିଥିଲେ। ମେଳାର ମୁଖ୍ୟ ଆକର୍ଷଣ ଥିଲା ଜ୍ଞାନ ପ୍ରଶ୍ନମଞ୍ଚ।

### ନାଟକୋତ୍ସବର ଉଦ୍‌ଯାପନୀ ସମାରୋହ

ନିମାପଡ଼ା,୧୫।୧୦(ଡି.ଏନ୍.ଏ.)

ନିମାପଡ଼ା ଏନ୍‌ଏସି ଗଡଅଣ୍ଡିଆ ଗ୍ରାମ ମଙ୍ଗଳ ସମିତି ଓ ଅରବିନ୍ଦ କ୍ଲବ ପକ୍ଷରୁ ମା' ଗଜଲକ୍ଷ୍ମୀ ପୂଜା ଅବସରରେ ଆୟୋଜିତ ୬୨ତମ ନାଟକୋତ୍ସବର ଉଦ୍‌ଯାପନୀ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସମ୍ମାନିତ ଅତିଥି ସଙ୍ଗୀତଜ୍ଞ ନବୀନ କିଶୋର ପଟ୍ଟନାୟକ, ସମିତି ସମ୍ପାଦକ ବିଜୟ ପାତ୍ର, ପୂଜା କମିଟି ସମ୍ପାଦକ ପ୍ରଦୀପ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ। ୬ ଦିନ ବ୍ୟାପୀ ଆୟୋଜିତ ଏହି ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାରେ ପୁରୀ, କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଆଦି ଜିଲାର ୬ଟି ନାଟ୍ୟାନୁଷ୍ଠାନ ଯୋଗଦେଇଥିଲେ। ନାଟକରେ ଜଗତସିଂହପୁର ପଞ୍ଚସଖା ନାଟକ ସଂସଦର ନାଟକ 'ମୃତ୍ୟୁଦଣ୍ଡ' ଶ୍ରେଷ୍ଠ ବିବେଚିତ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ବାଙ୍କୀ ଈଶାନେଶ୍ୱର ନାଟ୍ୟ ସଂସଦର ନାଟକ 'ଆଖି ଅବୁଝାକୁ ଲୁହ ଅବୁଝା' ୨ୟ ସ୍ଥାନ ଅଧିକାର କରିଥିଲା। ପଞ୍ଚସଖା ନାଟ୍ୟାନୁଷ୍ଠାନକୁ ୫୦ ହଜାର ଟଙ୍କା ଏବଂ ବାଙ୍କୀ ନାଟ୍ୟାନୁଷ୍ଠାନକୁ ନଗଦ ୪୦ ହଜାର ଟଙ୍କା, ଟ୍ରଫି ଦିଆଯାଇଥିଲା। କୃତୀ ଅଭିନେତ୍ରୀ ଅଭିନେତା, କଳାକାରଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଶିକ୍ଷକ ଈଶ୍ୱରଚନ୍ଦ୍ର ନାୟକ, ମାଟ୍ରିକ ଟପ୍ପର ଛାତ୍ର ଆୟୁଷ୍ମାନ, ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତଙ୍କ ସମେତ ବହୁ କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଗ୍ରୁପ ପକ୍ଷରୁ ମେଲୋଡି ଧମାକା ପରିବେଷିତ ହୋଇଥିଲା। ସମିତି ସଦସ୍ୟ ଦିଲୀପ ପାତ୍ର, ସୁବାସ ପତ୍ର, କିରଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅବିନାଶ



@ ବିଶ୍ୱଭୂଷଣ



@ ସନ୍ତୋଷ



@ ଦିଗ୍‌ଦର୍ଶନ



@ ମହେଶନାଥ



@ ଅଂଶୁମାନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଡିଆଇପିଆର୍‌ଓଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଭୁବନେଶ୍ୱର, ୧୫।୧୦ (ବ୍ୟୁରୋ)

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ହିସାବ ରକ୍ଷଣ ଓ ବିତ୍ତୀୟ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନଠାରେ ୩ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ କହିଲେ, ଏହାଦ୍ୱାରା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଅଧିକ ସୁଦୃଢ଼ ହେବ। ଆଗାମୀ ଦିନରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିସହ ସେ ବିଭିନ୍ନ ପ୍ରସଙ୍ଗରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶିକ୍ଷଣ ଗୁଣାତ୍ମକ ଥିଲା ଏବଂ ଆମ ପାଇଁ ଏହା ଲାଭଦାୟକ ହୋଇଛି ବୋଲି ଡିଆଇପିଆର୍‌ଓମାନେ ମତ ଦେଇଥିଲେ। ଏହି ଅବସରରେ ନିର୍ଦ୍ଦେଶକ ତ୍ରିପାଠୀ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଜେଟ୍ ପ୍ରସ୍ତୁତି, ପେନ୍‌ସନ୍ ନିୟମ, ସରକାରୀ ବିତ୍ତୀୟ ବ୍ୟବସ୍ଥା ଓ ଅଡିଟ୍, ଆୟକର ପ୍ରଦାନରେ ଟିଡିଏସ୍ ବ୍ୟବସ୍ଥା, ଜିଏସ୍‌ଟି, ଜିଇଏମ୍ ପୋର୍ଟାଲ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମ ସଚିବ ବିଷ୍ଣୁପ୍ରିୟା ସାହୁ, ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଗୁର୍‌ବୀର୍ ସିଂ, ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନର ଯୁଗ୍ମ ନିର୍ଦ୍ଦେଶିକା ଚିରସ୍ମିତା ସାହୁ ଏବଂ ଉପନିର୍ଦ୍ଦେଶକ ଭାନୁମଙ୍ଗଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାରେ ଖାଉଟି କେନ୍ଦ୍ରରୁ ମିଳୁନି ଗହମ

ପୁରୀ ଅଫିସ,୧୫।୧୦:

### ଆଜି ବିଶ୍ୱ ଖାଦ୍ୟ ଦିବସ

- ୯ମାସ ହେଲା ହୀନସ୍ତା ହେଉଛନ୍ତି ଲୋକ
- ଉତ୍କଟ ହେଉଛି ମଧୁମେହ ରୋଗୀଙ୍କ ସ୍ୱାସ୍ଥ୍ୟ

ରାତି ପାହିଲେ ଅର୍ଥାତ ରବିବାର ବିଶ୍ୱ ପାଳିବ ଖାଦ୍ୟ ଦିବସ। ଭାରତ ତଥା ସାରା ବିଶ୍ୱରେ ନାଗରିକଙ୍କ ମୌଳିକ ସୁବିଧା ତାଲିକାରେ ଖାଦ୍ୟ ସର୍ବାଗ୍ରେ ଆସେ। ବିଶ୍ୱରେ କେହି ଭୋକିଲା ରହିବେ ନାହିଁ, ସେହି ଲକ୍ଷ୍ୟ ନେଇ ବିଶ୍ୱର ପ୍ରଗତିଶୀଳ ରାଷ୍ଟ୍ରଙ୍କଠାରୁ ଆରମ୍ଭ କରି ବିଶ୍ୱ ବ୍ୟାଙ୍କ ଓ ସଂଯୁକ୍ତ ରାଷ୍ଟ୍ର ଭଳି ସଙ୍ଗଠନ ସର୍ବଦା ପ୍ରଚେଷ୍ଟା କରିଆସିଛନ୍ତି। ଏହି ଉଦ୍ୟମରେ ଭାରତ ମଧ୍ୟ ପାଦକୁ ପାଦ ମିଶାଇ ଚାଲିଆସିଛି। ଖାଦ୍ୟ ସୁରକ୍ଷା ଆଇନ ବଳରେ ପ୍ରତିଟି ଭାରତୀୟଙ୍କ ପାଖରେ କିଭଳି ଭାବେ ଏହି ମୌଳିକ ସୁବିଧା ପହଞ୍ଚିବ ତାହା ସରକାର ସବୁବେଳେ ସୁନିଶ୍ଚିତ କରିଆସୁଛନ୍ତି। ମାତ୍ର ପୁରୀ ଜିଲାରେ ଖାଦ୍ୟ ସୁରକ୍ଷା ଆଇନର ଖୋଲାଖୋଲି ଉଲ୍ଲଂଘନ କରୁଛି ପ୍ରଶାସନ। ଗତ ଫେବୃୟାରୀଠାରୁ ପୁରୀ ଜିଲାର କୌଣସି ଖାଉଟି କେନ୍ଦ୍ରରୁ ଲୋକଙ୍କୁ ଗହମ ମିଳୁ ନାହିଁ। ଏ ନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଜିଲା ପ୍ରଶାସନ କିମ୍ବା ଭାରତୀୟ ଖାଦ୍ୟ ନିଗମ କର୍ଣ୍ଣପାତ କରୁନାହାନ୍ତି। ମାନବାଧିକାର କମିଶନ ଓ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ସତ୍ତ୍ୱେ ଲୋକଙ୍କୁ ଗହମ ମିଳୁନି। ଜିଲାପାଳ ସମର୍ଥ ବର୍ମା କେବଳ ପ୍ରଚେଷ୍ଟା କରୁଥିବା କହି ନିଜ ଅପାରଗତା ଲୁଚାଉଛନ୍ତି। ଗହମ ନ ମିଳିବାରୁ ଜିଲାରେ ଲକ୍ଷାଧିକ ଲୋକେ ପ୍ରଭାବିତ ହେଉଛନ୍ତି। ବିଶେଷ କରି ମଧୁମେହ ରୋଗୀମାନେ ରାତି ସମୟରେ ରୁଟି ଖାଉଥିବା ହେତୁ ଗହଳ ମିଳୁ ନ ଥିବାରୁ ରୁଟି ପାଇଁ ହୀନସ୍ତା ହେଉଛନ୍ତି। ବଜାରରୁ ଅଟା କିଣିଲେ କିଲୋ ପିଛା ୩୫ଟଙ୍କା ପର୍ଯ୍ୟନ୍ତ ଗଲାଣି। ଏଭଳି ସ୍ଥିତି ଖଟିଖିଆ, ଦିନମଜୁରିଆ କିଭଳି ଭାବେ ଗହମ ମୁଠେ ପାଇବେ ତାହା ସରକାରଙ୍କ ଦାୟିତ୍ୱ ବୋଲି ଆଇନଜୀବୀ ଚିନ୍ମୟ ଦାସ କହିଛନ୍ତି। ପୁରୀ ଜିଲାର ୪ ଲକ୍ଷ ପରିବାରରୁ ତିନି ଚତୁର୍ଥାଂଶ ପରିବାରରେ ଅତିକମ୍‌ରେ ଜଣେ ଲେଖାଏ ଲୋକ ମଧୁମେହ ରୋଗରେ ପୀଡ଼ିତ। ଏଭଳି ସ୍ଥିତିରେ ଅର୍ଥାଭାବରୁ ଉଚ୍ଚ ଶ୍ୱେତସାର ସମ୍ପୂର୍ଣ୍ଣ ଖାଦ୍ୟ ଭାତକୁ ଲୋକେ ବିକଳ୍ପ ଭାବେ ବାଛୁଛନ୍ତି। ଏହା ସାମଗ୍ରିକ ଭାବେ ଜିଲାରେ ଥିବା ମଧୁମେହ ରୋଗୀଙ୍କର ସ୍ୱାସ୍ଥ୍ୟାବସ୍ଥାକୁ ପ୍ରଭାବିତ କରୁଛି। ଏ ନେଇ ବ୍ରହ୍ମଗିରିର ମଧୁମେହ ରୋଗୀ ପର୍ଶୁରାମ ପରିଡ଼ା କହିଛନ୍ତି, ୪ଜଣ ପରିବାର ସଦସ୍ୟଙ୍କ ମଧ୍ୟରୁ ୨ଜଣଙ୍କୁ ମଧୁମେହ। ଫେବୃୟାରୀରୁ କଣ୍ଟ୍ରୋଲରୁ ଗହମ ମିଳିବା ବନ୍ଦ ହୋଇଯାଇଛି। ଫଳରେ ଗହମ କିଣିବା କଷ୍ଟକର ହେଉଛି। ପ୍ରତିଦିନ ଗହମ କିଣି ଖାଇବା ଭଳି ସାମର୍ଥ୍ୟ ପରିବାର ପାଖରେ ନ ଥିବା ହେତୁ ରୁଟି ଖାଇବା କମାଇ ଦେଇଛୁ।

ପୁରୀ ଜିଲାକୁ ଗହମ ଜଟଣୀ ଗୋଦାମରୁ ଆସୁଥିଲା। ମାତ୍ର ଜଟଣୀ ଗୋଦାମ ଟ୍ରକ୍ ମାଲିକ ସଂଘର ବାରମ୍ବାର ବିରୋଧ ଯୋଗୁ ଗହମ ଆସିପାରିଲା ନାହିଁ। ଏଭଳି ସ୍ଥିତିରେ ରାଜ୍ୟ ଜଟଣୀ ପରିବର୍ତ୍ତେ କଟକ ଗୋଦାମରୁ ପୁରୀ ଜିଲା ପାଇଁ ଗହମ ଯୋଗାଇବା ପାଇଁ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଭାରତୀୟ ଖାଦ୍ୟ ନିଗମକୁ ଏକାଧିକ ଚିଠି ଲେଖିଛନ୍ତି। ଏପିରିକି ଗତ ମେ ମାସରେ ପୁରୀ ବିକାଶ ପରିଷଦ ପକ୍ଷରୁ ଏସମ୍ପର୍କରେ ଜାତୀୟ ମାନବାଧିକାର କମିଶନ ନିକଟରେ ମାମଲା ରୁଜୁ ହୋଇଥିଲା। ଏହାଉପରେ ବିଚାର କରି ୮ସପ୍ତାହ ମଧ୍ୟରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗତ ଜୁନ ୧୩ତାରିଖରେ ମାନବାଧିକାର କମିଶନ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କ'ଣ ଆଲୋଚନା ହେଲା ଓ କ'ଣ ପଦକ୍ଷେପ ନିଆଗଲା ତାହା କେହି ଜାଣି ନ ଥିବାବେଳେ ଖାଉଟିଙ୍କୁ ଏପର୍ଯ୍ୟନ୍ତ ଗହମ ମିଳିପାରି ନାହିଁ।

ଅନ୍ୟପକ୍ଷେ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହୋଇପାରିବା ପରେ ପୁରୀ ବିକାଶ ପରିଷଦ ପ୍ରସଙ୍ଗକୁ ଜନସ୍ୱାର୍ଥ ମାମଲା ଜରିଆରେ ହାଇକୋର୍ଟକୁ ନେଇଛନ୍ତି। ଗତ ସେପ୍ଟେମ୍ବରରେ ଡବ୍ଲୁ.ପି(ସି) ନମ୍ବର.୨୪୩୧୧/୨୦୨୨ରେ ମାମଲା ରୁଜୁ ହୋଇଛି। ମୁଖ୍ୟ ଶାସନ ସଚିବ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଖାଦ୍ୟ, ଯୋଗାଣ ଓ ଖାଉଟିକଲ୍ୟାଣ ବିଭାଗ ସଚିବ, ଭାରତୀୟ ଖାଦ୍ୟ ନିଗମ, ଓଡ଼ିଶା ଯୋଗାଣ ନିଗମ, ପୁରୀ ଜିଲାପାଳ ଓ ଯୋଗାଣ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ପୁରୀ ବିକାଶ ପରିଷଦର ସଭାପତି ଜଗନ୍ନାଥ ବସ୍ତିଆ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପୁରୀ ଜିଲାର ଖାଉଟିମାନଙ୍କୁ ଗହମ ନ ମିଳିବା ଏକ ବଡ଼ ସମସ୍ୟା। ସରକାରୀ ସ୍ତରରେ ଅଫିସରଙ୍କର ଅବହେଳା ହେତୁ ଗହମ ମିଳିପାରୁନାହିଁ।